ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୨ ଅକ୍ଟୋବର, ୨୦୧୮

## ସଂକ୍ଷେପରେ

### ନିଯୁକ୍ତିଭିତ୍ତିକ ପରାମର୍ଶ ମେଳା



**ଶଙ୍କରାଖୋଲ,୧।୧୦(ଡି.ଏନ୍.ଏ.):** ଚକାପାଦ ବ୍ଲକ ଶଙ୍କରାଖୋଲ ହାଟପଦା ପଡ଼ିଆରେ ସୋମବାର କ୍ଷେତ୍ରୀୟ ସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ କେନ୍ଦ୍ର ମେଳାକୁ ବିଧାୟକ ପ୍ରତିନିଧି ଖଗେଶ୍ୱର ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହାକୁ ଚକାପାଦ ବ୍ଲକର ଓଡ଼ିଶା ଜୀବୀକା ମିଶନ ପକ୍ଷରୁ ଆୟୋଜନ କରିଥିବା ବେଳେ ବ୍ଲକ ଜୀବିକା ସଂଯୋଜକ ସୂର୍ଯ୍ୟକାନ୍ତ କରଣ ପରିଚାଳନା କରିଥିଲେ। ଏଥିରେ କୁସୁମେଣ୍ଡି, (ଏଲ୍) ବପଲମେଣ୍ଡି, ଶଙ୍କରାଖୋଲ, ଆରାବାକା, (ବି) ବପଲମେଣ୍ଡି ପଞ୍ଚାୟତର ମୋଟ ୨୪୭ ବେକାର ଯୁବତୀ, ଯୁବକ ନିଜ ନାମ ପଞ୍ଜୀକରଣ କରି କମ୍ପାନୀ କାଉନସେଲିଂରେ ଯୋଗ ଦେଇଥିଲେ। ସେଥିରୁ ୧୬୭ଙ୍କୁ ୭ଟି କମ୍ପାନୀ ମାଧମରେ ଟ୍ୟାଗିଂ କରିଥିବା ନେଇ ସଂଯୋଜକ କହିଥିଲେ। ଗ୍ରାମାଞ୍ଚଳର ଯୁବକ ଯୁବତୀଙ୍କୁ ଦକ୍ଷତା ଟ୍ରେନିଙ୍ଗ୍ ଦ୍ୱାରା ଅଧିକ ରୋଜଗାରକ୍ଷମ ହୋଇପାରିବେ ଏହି ମେଳାର ମୂଳ ଉଦ୍ଦେଶ୍ୟ।

### ସ୍ୱଚ୍ଛତା ପକ୍ଷ ପାଳିତ



**ରାମଗିରି,୧।୧୦:** ଗଜପତି ଜିଲା ରାମଗିରିରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କର ସମସ୍ତ କର୍ମଚାରୀ ଓ କିଛି ଶିକ୍ଷକ, ସ୍ୱେଚ୍ଛାସେବୀଙ୍କ ମିଳିତ ଆନୁକୂଲ୍ୟରେ ଶନିବାର ସଫେଇ କରାଯାଇଥିଲା । ହାଟପଦା ଛକଠାରୁ ଆରମ୍ଭ କରି ଉଚ୍ଚ ମାଧମିକ ବିଦ୍ୟାଳୟ ପର୍ଯ୍ୟନ୍ତ ସଫେଇ କରାଯାଇଥିଲା । ରାସ୍ତାର ଉଭୟ ପାର୍ଶ୍ୱରେ ଥିବା କୁଢ଼ କୁଢ଼ ଅଳିଆକୁ ସଫାକରି ଜନବସତି ନଥିବା ସ୍ଥାନରେ ଏହାକୁ ପକାଇଥିଲେ। ଏଥିରେ ଶାଖା ପରିଚାଳକ ପଦ୍ମଲୋଚନ ମିଶ୍ର ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

## ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ

# ଯୁକ୍ତ ୩ ସେମିଷ୍ଟର ପରୀକ୍ଷାଫଳକୁ ନେଇ ଉତ୍ତେଜନା

**ଫୁଲବାଣୀ ଅଫିସ, ୧।୧୦**

କନ୍ଧମାଳ ଜିଲା ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷ ସେମିଷ୍ଟାର ପରୀକ୍ଷା ଫଳକୁ ନେଇ ସୋମବାର ଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଜାଣି ଶୁଣି ସେମାନଙ୍କୁ ଫେଲ କରା ଯାଇଛି କହି ଛାତ୍ରମାନେ ଅଧକ୍ଷଙ୍କ ଚାମ୍ବର ଏବଂ କମନରୁମ ଭଙ୍ଗାରୁଜା କରିଥିଲେ। କଲେଜ ଭିତରେ ପିଲାମାନେ ହୋହଲ୍ଲା କରୁଥିବା ବେଳେ ପୋଲିସ ଧସେଇ ପସି ମାରପିଟ କରିବା ସହ କେତେକ ପିଲାଙ୍କୁ ଉଠାଇ ନେଇଛି। ଏହାକୁ ନେଇ ଏବେ ଛାତ୍ରଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖା ଦେଇଛି ।

ଛାତ୍ରମାନଙ୍କ କହିବା ଅନୁସାରେ ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷ ସେମିଷ୍ଟର ଫଳ ଜାଣିଶୁଣି ଡେରିରେ ପ୍ରକାଶ କରାଯାଉଛି। ପିଲାମାନଙ୍କୁ ଫେଲ କରି ଦିଆଯାଉଛି। କାରଣ ଛାତ୍ର ଛାତ୍ର ସଂସଦ ନିର୍ବାଚନରେ



କଲେଜ ନିକଟରେ ଉପସ୍ଥିତ ପୋଲିସ ।

ଆଶାୟୀ ପିଲାମାନେ ଭାଗ ନେଇ ପାରିବେ ନାହିଁ। ଯୁକ୍ତ ୩ ବାଣିଜ୍ୟ ପ୍ରଥମ ବର୍ଷର ୯୫ ଜଣ ପିଲାଙ୍କ ମଧ୍ୟରୁ ମାତ୍ର ୫ ଜଣ ପାସ କରିଛନ୍ତି । ଫେଲ ହୋଇଥିବା ଅଧିକାଂଶ ପିଲାଙ୍କୁ ଶୂନ ନମ୍ବର ମିଳିଛି। କେତେକ ପିଲା ପରୀକ୍ଷା ଦେଇଥିଲେ ହେଁ ଅନୁପସ୍ଥିତ ଥିବା ଦର୍ଶାଇଛନ୍ତି। ତେଣୁ ଘଟଣାର ତଦନ୍ତ ଆବଶ୍ୟକ । ଏ ନେଇ ଅଧକ୍ଷ ରଞ୍ଜନ ମହାଲିକଙ୍କୁ ପଚାରିବାରୁ ରେଜଲ୍ଟ କ'ଣ ହୋଇଛି ତାହା ମୁଁ ସଂଗେ ସଂଗେ କହି ପାରିବି ନାହିଁ। ତୁମେ ଲେଖିକି ଦିଅ ବୋଲି ଛାତ୍ରମାନଙ୍କୁ କହିଥିଲି । ହେଲେ ସେମାନେ ମାନିଲେ ନାହିଁ ଅଫିସ ରୁମ ଭଙ୍ଗାରୁଜା ଆରମ୍ଭ କରିଦେଲେ । ଏହାପରେ କମନରୁମକୁ ଯାଇ ସେଠାରେ ଭଙ୍ଗାରୁଜା କଲେ, ମୁଁ ଏ ନେଇ ଥାନାରେ ଏତଲା ଦେଇଛି । ପୋଲିସ ଆସି କେତେକ ପିଲାଙ୍କୁ ନେଇଥିବା ପ୍ରକାଶ କରିଛନ୍ତି ।

# ନଳିହାଡ଼ରେ କୂଅ ନିର୍ମାଣରେ ଦୁର୍ନୀତି

**କୁକୁଡ଼ାଖଣ୍ଡି,୧।୧୦(ଡି.ଏନ.ଏ.)**

କୁକୁଡ଼ାଖଣ୍ଡି ବ୍ଲକ ରୋହିଗାଁ ପଞ୍ଚାୟତ ନଳିହାଡ଼ ଗ୍ରାମରେ କୂଅ ନିର୍ମାଣରେ ଦୁର୍ନୀତି ପଦାକୁ ଆସିଛି । ପୁରୁଣା ପଥର କୂଅ ପୁନରୁଦ୍ଧାର କରାଯାଇ ସେଠାରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଏକ କୂଅ କରାଯାଇଛି । ପୁରୁଣା କୂଅ ପଥର ସବୁ ବାହାର କରାଯାଇ କାର୍ଯ୍ୟାଦେଶ ମିଳିଥିବା ବ୍ୟକ୍ତି ନିଜ ଘରୋଇ କାମରେ ଲଗାଇଛନ୍ତି। ତେବେ ଏମଜିଏନ୍‌ଆରଇଜିଏସ୍‌ରେ ନୂତନ କୂଅ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ଉକ୍ତ କୂଅକୁ ପୁନରୁଦ୍ଧାର କରି ନୂତନ ଭାବେ ଏହା ନିର୍ମାଣ କରାଯାଇଥିବା ଦେଖାଇ ବିଲ କରାଯାଇଥିବା ଦୁର୍ନୀତି ପଦାରେ ପଡ଼ିଛି। ନଳିହାଡ଼ରେ ତ୍ରିନାଥ ଲେଙ୍କା ନାମରେ ଏକ ନୂତନ କୂଅ ନିର୍ମାଣ ପାଇଁ କାର୍ଯ୍ୟାଦେଶ ମିଳିଥିଲା । ୩୦ ଫୁଟ ଖୋଳାଯାଇ ୩୦ନନ୍ଦ ପକାଇବା ପାଇଁ ନିୟମ ରହିଛି, କିନ୍ତୁ ଏଠାରେ ସମୁଦାୟ ୧୩ଟି ନନ୍ଦ ପକାଯାଇଛି। ଏଥିନେଇ ତ୍ରିନାଥ କହିଛନ୍ତି, ଏଠାରେ ମୁଁ ସମ୍ପୂର୍ଣ୍ଣ ଭାବେ ନୂତନ କୂଅ ନିର୍ମାଣ କରିଛି । ରୋହିଗାଁ ସରପଞ୍ଚ ପ୍ରତିନିଧି ବଶିଷ୍ଟ ଜେନା କହିଛନ୍ତି, କୂଅ ନିର୍ମାଣରେ ଦୁର୍ନୀତି ହୋଇନାହିଁ, ସେଠାରେ ନୂତନ କୂଅ କରାଯାଇଛି । କୁକୁଡାଖଣ୍ଡି ବ୍ଲକ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ପ୍ରଧାନଙ୍କୁ ପଚାରିବାରୁ ସେଠାରେ ନୂତନ କୂଅ ନିର୍ମାଣ କରାଯାଇଛି । ଯେଉଁ ପଥର କୂଅ କଥା କୁହାଯାଉଛି ତାହା ନିର୍ମାଣ ହୋଇଥିବା କୂଅ ପାଖରେ ପୋତି ହୋଇରହିଛି ।

ଏ ନେଇ ଏମ୍‌ଜିଏନ୍‌ଆରଇଜିଏସ୍ ବ୍ଲକ ଆଡିଶନାଲ ପ୍ରୋଗ୍ରାମ ଅଫିସର ନନ୍ଦିନୀ ଦାଶଙ୍କୁ ପଚାରିବାରୁ ମୁଁ ଏହି ବିଷୟରେ କିଛି ଜାଣିନାହିଁ ବା ମୋ ପାଖକୁ କୌଣସି ଲିଖିତ ଅଭିଯୋଗ ଆସିନାହିଁ । ଏଥିନେଇ ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନ କହିଛନ୍ତି, ଯଦି ଦୁର୍ନୀତି ହୋଇଥିବା ତା'ହେଲେ ନିଶ୍ଚୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ତେବେ ଏହି କୂଅ ପାଇଁ ମୁଲିଆମାନଙ୍କ ମଜୁରି ମାଷ୍ଟର ରୋଲ ମାଧ୍ୟମରେ ଦିଆଯାଇଛି। ପରବର୍ତ୍ତୀ ସମୟରେ ବ୍ୟବହାର ହୋଇଥିବା ସାମଗ୍ରୀର ପେମେଣ୍ଟ ଦିଆଯିବ ବୋଲି ସୂଚନା ମିଳିଛି ।



ପୁରୁଣା କୂଅରୁ ପଥର ବାହାର କରାଯାଇଛି ।

# ଆଦର୍ଶ ବିଦ୍ୟାଳୟ ସମସ୍ୟା ନେଇ ଅଭିଭାବକ ବୈଠକ

**ଧରାକୋଟ,୧।୧୦(ଡି.ଏନ୍.ଏ.)**

ଧରାକୋଟ ସ୍ଥିତ କୁଶଗୁମା ଆଦର୍ଶ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧରାକୋଟ ତହସିଲଦାର ଗଦାଧର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥି ବିଇଓ ରବୀନ୍ଦ୍ର କୁମାର ପଣ୍ଡା, ନୂତନ ଭାବେ ବିଦ୍ୟାଳୟର ଅଧକ୍ଷ ଦାୟିତ୍ୱ ନେଇଥିବା ଶିକ୍ଷକ ସୁମନଜାନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ କଲ୍ୟାଣୀ ଦିଗାଲ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବୈଠକରେ ଶିକ୍ଷାଦାନର ମାଧମ ପ୍ରଣାଳୀ ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ,



ବୈଠକରେ ଉପସ୍ଥିତ ଅଭିଭାବକମାନେ।

ଇଂଲିଶ ଓ ଗଣିତ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ଏନେଇ ଛାତ୍ରୀଛତ୍ରଙ୍କର ଦୁର୍ବଳତା ଦେଖାଦେଉଛି। ତେଣୁ ତୁରନ୍ତ ଏହି ପଦବୀ ପୂରଣ, ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ହୋଇଥିଲା। ପାଠପଢ଼ା ସହ ପିଲାଙ୍କ ଅନ୍ତର୍ନିହିତ ଗୁଣାବଳୀର ବିକାଶ ଉପରେ ଗୁରୁତ୍ୱ ଦେବାପାଇଁ ତହସିଲଦାର ବୈଠକରେ ମତରଖିଥିଲେ। ଚଳିତ ବର୍ଷ ନୂତନ ଭାବେ ଦଶମ ଶ୍ରେଣୀ ଖୋଲାଯାଇଥିବାରୁ ଛାତ୍ରଛାତ୍ରୀଙ୍କ ପାଠ ପଢ଼ାକୁ ଗୁରୁତ୍ୱ ଦେବାପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ଅଭିଭାବକ ମାନେ ଦାବୀ ଉପସ୍ଥାପନ କରିଥିଲେ। ବୈଠକରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସମେତ କମିଟି ସଭ୍ୟା, ସଭ୍ୟ ଓ ଅଭିଭାବକ ଯୋଗଦେଇଥିଲେ।

### ନଦୀରେ ଭାସିଯାଇ ଜଣେ ମୃତ

**ପାଟପୁର,୧।୧୦(ଡି.ଏନ.ଏ.)** ସାନଖେମୁଣ୍ଡି ବ୍ଲକ ଆଡ଼ପଡ଼ାସ୍ଥିତ ଘୋଡ଼ାହାଡ଼ ନଦୀରେ ଭାସିଯାଇ ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ସେ ହେଲେ ଆଡ଼ପଡ଼ା ପଞ୍ଚାୟତ ବାଲିଆ ଗ୍ରାମର ତବଟିଆ ନାୟକ (୫୦)। ତବଟିଆ ଘରେ ଆଶ୍ୱିନ ଶ୍ରାଦ୍ଧ କାର୍ଯ୍ୟ ସାରି ପିଣ୍ଡ ବିସର୍ଜନ କରିବା ପାଇଁ ସୋମବାର ପୂର୍ବାହ୍ନରେ ଘୋଡ଼ାହାଡ଼ ନଦୀକୁ ଯାଇଥିଲେ। ସେଠାରେ ନଦୀର ପାଣି ସ୍ରୋତରେ ପଡ଼ି ଭାସି ଯାଇଥିଲେ । ଗ୍ରାମବାସୀ ଦେଖି ନଦୀରୁ ଉଦ୍ଧାର କରି ନିକଟସ୍ଥ ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ସାପ କାମୁଡ଼ାରେ ଯୁବକ ଗୁରୁତର

**ପାତ୍ରପୁର,୧।୧୦(ଡି.ଏନ୍.ଏ.)**

ପାତ୍ରପୁର ବ୍ଲକରେ ବିପିଏଲ ଲାଇନ ପ୍ରାସାରିତ କରିବା ପାଇଁ ଆସିଥିବା ଜଣେ କର୍ମଚାରୀ ସୋମବାର ସାପ କାମୁଡ଼ାରେ ଗୁରୁତର ହୋଇଛନ୍ତି । ସେ ହେଲେ ଯାଜପୁରର ମନୋରଞ୍ଜନ ପରିଡ଼ା (୩୮)। ବିପିଏଲ ଲାଇନର ପ୍ରସାରଣ ପାଇଁ ପାତ୍ରପୁର ଇଲାକାରେ କାମ ଚାଲିଥିବା ବେଳେ ଖାରିଆଗୁଡ଼ା ପଞ୍ଚାୟତର ସାମନ୍ତରାପୁରଠାରେ ଏକ କ୍ୟାମ୍ପ କରି କର୍ମଚାରୀମାନେ ରହୁଥିଲେ। ଗତକାଲି ବିଳମ୍ବିତ ରାତିରେ ତାଙ୍କୁ ସାପ କାମୁଡ଼ି ଦେଇଥିଲା । ପ୍ରଥମେ ପାତ୍ରପୁର ଓ ବ୍ରହ୍ମପୁର ନିଆଯାଇଥିଲା। ଅବସ୍ଥା ସଙ୍କଟାପୂର୍ଣ୍ଣ ହେବାରୁ ତାଙ୍କୁ ଭୁବନେଶ୍ୱର ନିଆଯାଇଛି ।



## ସଂକ୍ଷେପରେ

### ୩ ଦିନ ବିତିଲା ବିଏସ୍ଏନ୍ଏଲ ସେବା ବାଧାପ୍ରାପ୍ତ

ଦାରିଙ୍ଗବାଡ଼ି,୧।୧୦(ଡି.ଏନ.ଏ.)- ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଗତ କିଛି ମାସ ହେଲା ବିଏସ୍ଏନ୍ଏଲ ସେବା ବାରମ୍ବାର ଅଚଳ ହେବା ସହ କଲ୍ ଡ୍ରପ୍ ଉପଭୋକ୍ତାଙ୍କୁ ହଇରାଣ କରୁଛି। ଗତ ୩ ଦିନ ହେଲା ଉକ୍ତ ବ୍ଲକର ୫ ପଞ୍ଚାୟତରେ ଏହି ସେବା ଅଚଳ ହୋଇପଡ଼ିଛି। ଦାରିଙ୍ଗବାଡ଼ି ସମେତ ଦାସିଂବାଡ଼ି, ତାଜୁଙ୍ଗିଆ, ଗଦାପୁର ଏବଂ ବ୍ରାହ୍ମଣୀଗାଁରେ ଏହି ସେବା ବାଧାପ୍ରାପ୍ତ ହୋଇ ପ୍ରାୟ ୪୦ ହଜାର ଲୋକ ହଟହଟା ଭୋଗୁଛନ୍ତି। ବ୍ରଡ୍ବ୍ୟାଣ୍ଡ ସମେତ ଇଣ୍ଟରନେଟ, ୱାଇମାକ୍ସ, ଲ୍ୟାଣ୍ଡ ଫୋନ ଉପରେ ନିର୍ଭର କରୁଥିବା ଉପଭୋକ୍ତାମାନେ ହଇରାଣ ହେଉଛନ୍ତି। ବହୁ ସମୟରେ ବିଦ୍ୟୁତ୍ ବିଭ୍ରାଟ ହେଲେ ଏହି ସେବାକୁ ବନ୍ଦ କରି ଦିଆଯାଉଥିବା ବେଳେ ବର୍ଷା ହେଲେ ମଧ ଏହା ବନ୍ଦ କରିଦିଆଯାଉଛି। ଫଳରେ ଅଞ୍ଚଳବାସୀ ହଇରାଣ ଭୋଗୁଛନ୍ତି। ଏନେଇ ବାଲିଗୁଡ଼ା ସହକାରୀ ଯନ୍ତ୍ରୀ ପୂର୍ଣ୍ଣ ଚନ୍ଦ୍ର ପୃଷ୍ଟିଙ୍କ ସହ ଯୋଗାଯୋଗ କରାଯିବାରୁ ସିମନବାଡ଼ିରୁ ଦାରିଙ୍ଗବାଡ଼ି ମଧରେ ଓଏଫସି(ଅପ୍‌ଟିକ ଫାଇବର କେବୁଲ)କୁ ପିମ୍ପୁଡ଼ି କାଟି ନଷ୍ଟ କରିଦେଉଛନ୍ତି। କେତେକ ତ୍ରୁଟି ମିଳିଥିଲେ ସୁଦ୍ଧା ଆଉ କିଛି କେବୁଲ ଜାତୀୟ ରାଜପଥ ତଳେ ଯାଇଥିବାରୁ କାମ କରି ହେଉନାହିଁ। ମଙ୍ଗଳବାର ସୁଦ୍ଧା କାର୍ଯ୍ୟ ଶେଷ ହୋଇଯିବ ବୋଲି ସେ କହିଛନ୍ତି।

### ମଦ ବିରୋଧୀ ଆନ୍ଦୋଳନ ତେଜୁଛି

ଭଞ୍ଜନଗର,୧।୧୦(ଡି.ଏନ.ଏ.)- ଗ୍ରାମାଞ୍ଚଳରେ ମଦ ବିରୋଧୀ ଆନ୍ଦୋଳନ ବଢ଼ୁଛି। ଯାହାକୁ ନେଇ ପୋଲିସ ପ୍ରଶାସନର ମୁଣ୍ଡବ୍ୟଥା ବଢ଼ୁଛି। ଏହିଭଳି ପରିସ୍ଥିତିରେ ସୋମବାର ଭଞ୍ଜନଗର ବ୍ଲକ ରମ୍ଭା ଅଞ୍ଚଳର ମହିଳାମାନେ ଭଞ୍ଜନଗର ଅତିରିକ୍ତ ଜିଲାପାଳଙ୍କୁ ଭେଟି ଗ୍ରାମରେ ଚୋରା ମଦ କାରବାର ବନ୍ଦ କରିବା ପାଇଁ ଦାବି କରିଛନ୍ତି। ପ୍ରଶାସନ ଆମ କଥା ତୁରନ୍ତ ବିଚାରନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଯୋରଦାର କରାଯିବ ବୋଲି ମହିଳାମାନେ ପରୋକ୍ଷରେ ପ୍ରଶାସନକୁ ଜଣାଇ ଦେଇଛନ୍ତି। ଅପରପକ୍ଷେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପକ୍ଷରୁ ମହିଳାମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଛି।

### ଯୁବକଙ୍କ ଆତ୍ମହତ୍ୟା

ଭଞ୍ଜନଗର,୧।୧୦(ଡି.ଏନ.ଏ.)-ଭଞ୍ଜନଗର ଥାନା ଶାହଣପଲ୍ଲୀର ରାଜେନ୍ଦ୍ର ମହାରଣା ରବିବାର ରାତିରେ ଆତ୍ମହତ୍ୟା କରିଛନ୍ତି। ପୋଲିସ ସୋମବାର ସକାଳେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ଏ ନେଇ ନଂ.୨୦/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ ରାଜେନ୍ଦ୍ରଙ୍କ ସ୍ତ୍ରୀ କିଛିଦିନ ହେଲା ତାଙ୍କ ବାପ ଘରକୁ ଚାଲିଯାଇଥିଲେ। ରବିବାର ରାତିରେ ରାଜେନ୍ଦ୍ର ଉପର ମହଲାରେ ଶୋଇଥିଲେ। ବାପା ତଳ ଘରେ ଶୋଇଥିଲେ। ସକାଳୁ ରାଜେନ୍ଦ୍ର କବାଟ ନ ଖୋଲିବାରୁ ବାପା ଯାଇ ଦେଖିବା ବେଳକୁ ସେ ଫ୍ୟାନରେ ରଶି ଲଗାଇ ଝୁଲୁଥିବା ଜଣାପଡ଼ିଥିଲା।

### ଏବିଇଓଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ରାଇକିଆ,୧।୧୦(ଡ଼ି.ଏନ.ଏ.)-କନ୍ଧମାଳ ଜିଲା ରାଇକିଆ ବ୍ଲକର ପୂର୍ବତନ ଏବିଇଓ ସନ୍ତୋଷ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଇକିଆ ଶିକ୍ଷକ ସଂଘ ତରଫରୁ ଏ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା, ଲକ୍ଷ୍ମୀଧର ବେହେରା, ବିଇଓ ଅନ୍ତର୍ଯାମି ପ୍ରଧାନ, ଏବିଇଓ ସୀମାଦ୍ରୀ କହଁର, ସାରଥୀ କହଁର ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ସରପଞ୍ଚ ପଞ୍ଚୁ ପ୍ରଧାନ, ରାଜମୋହନ ଦିଗାଳ, ନଳିନୀ କାନ୍ତ ନାୟକ ଯୋଗ ଦେଇଥିଲେ। ସାହୁ ରାଇକିଆ ବ୍ଲକରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଂସ୍କାର ମୂଳକ କାର୍ଯ୍ୟକ୍ରମ ଗ୍ରହଣ କରିବା ସହ ବିଭିନ୍ନ ମହଲରେ ପ୍ରଶଂସାର ପାତ୍ର ହୋଇଥିଲେ। ତାଙ୍କର ନିଷ୍ଠାପର କାର୍ଯ୍ୟଦକ୍ଷତାକୁ ନେଇ ବରିଷ୍ଠ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସ୍ମୃତି ଚାରଣ କରିବା ସହ ଅବସରକାଳୀନ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ। ଶିକ୍ଷକ ସଂଘର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ଲୁଟ୍ ମାମଲା

# ୪ ଗିରଫ: ୩ ଲକ୍ଷ ଟଙ୍କା, କାର୍, ବାଇକ ଜବତ

ଛତ୍ରପୁର,୧।୧୦(ଡି.ଏନ.ଏ.)

ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ରଘୁନାଥପୁର ନିକଟ ଜାତୀୟ ରାଜପଥରେ ସେପ୍ଟେମ୍ବର ୧୭ ତାରିଖରେ ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କୁ ଆକ୍ରମଣ କରି ୯ ଲକ୍ଷ ୨୮ ହଜାର ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ପୁରୁଷୋତ୍ତମପୁର ଥାନା ବେଢ ଗାଁର ମନୋଜ ଓରଫ ଲକ୍ଷ୍ମୀକାନ୍ତ ଦାସ, ଗୋବିନ୍ଦପୁର ଗାଁର ଏନ୍. ରମେଶ ରେଡ୍ଡୀ, ସୀତାରାମପୁର ଗାଁର ବି. ଅଶୋକ ପାତ୍ର ଓ ଚମାଖଣ୍ଡି ଥାନା ଗୋବିନ୍ଦପୁର ଗାଁର ଜେ. ଜୟରାମ ରେଡ୍ଡୀ। ଅଭିଯୁକ୍ତମାନଙ୍କଠାରୁ ୩ ଲକ୍ଷ ଟଙ୍କା, ୨ ବାଇକ (ଓଆର ୦୭ ଇ ୬୫୦୫ ଏବଂ ଓଡି ୦୭ ଏସ୍ ୧୪୬୪), ୪ଟି ମୋବାଇଲ ଫୋନ, ମୁଖା ଆଦି ଜବତ କରାଯାଇଛି। ଲୁଟ୍ ପରେ ଗଞ୍ଜାମ ବ୍ରିଜ୍ ନିକଟରେ ଲୁଟେରା ମାନେ ଛାଡିଥିବା ଇନୋଭା କାର୍‌କୁ ପୂର୍ବରୁ ପୋଲିସ ଜବତ କରିଥିଲା। ସୋମବାର ସନ୍ଧ୍ୟାରେ ଚମାଖଣ୍ଡି ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ପ୍ରଦୀପ କୁମାର ମହାପାତ୍ର ଉପରୋକ୍ତ ସୂଚନା ଦେଇଛନ୍ତି। ଏହି ମାମଲାରେ ସମ୍ପୃକ୍ତ ଥିବା ଆଉ ୫ ଜଣଙ୍କୁ ଧରିବା ଲାଗି ଉଦ୍ୟମ ଚାଲିଥିବା ଅତିରିକ୍ତ ଏସପି ମହାପାତ୍ର କହିଛନ୍ତି।



ଗିରଫ ୪ ଅଭିଯୁକ୍ତ।

ଅଭିଯୁକ୍ତମାନେ ମାସେ ଆଗରୁ ଲୁଟ୍ ପାଇଁ ଯୋଜନା କରିଥିଲେ। ଜୟରାମ ଲୁଟ୍ ପାଇଁ ତଥ୍ୟ ଯୋଗାଉଥିଲେ। ପୂର୍ବରୁ ପେଟ୍ରୋଲ ପମ୍ପର ମ୍ୟାନେଜର ଡି. ହରିବନ୍ଧୁ ରେଡ୍ଡୀ ବ୍ୟାଙ୍କରେ ଟଙ୍କା ଜମା କରିବା ସମୟରେ ଜଣେ ଅଭିଯୁକ୍ତ ତାଙ୍କ ଫଟୋ ଉଠାଇଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ କେତେଜଣ ଅନ୍ୟ ମାମଲାରେ ଜେଲ୍‌ରେ ଥିବାବେଳେ ସେମାନଙ୍କ ମଧ୍ୟରେ ସମ୍ପର୍କ ହୋଇଥିଲା। ଲୁଟରେ ବ୍ୟହାର ହୋଇଥିବା ଇନୋଭା କାର୍ (ଓଆର ୧୪ କ୍ୟୁ ୫୦୪୪) ପୁରୀ ଜିଲା କୁମ୍ଭାରପଡା ଅଞ୍ଚଳରୁ ସେପ୍ଟେମ୍ବର ୧୪ ତାରିଖରେ ଚୋରି ହୋଇଥିଲା। ଏ ନେଇ କୁମ୍ଭାରପଡା ଥାନାରେ ମାମଲା ରୁଜୁ ହୋଇଥିଲା। ୭ ଜଣ ମିଶି ଏହି କାର୍ ଚୋରି କରିଥିଲେ ବୋଲି ସୂଚନା ଦିଆଯାଇଛି। ନମ୍ବର ପ୍ଲେଟ୍ ବଦଳାଇ ଏହାକୁ ପେଟ୍ରୋଲ ପମ୍ପ କର୍ମଚାରୀଙ୍କଠାରୁ ଲୁଟ୍ ବେଳେ ବ୍ୟବହାର କରାଯାଇଥିଲା ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ୧୭ ତାରିଖରେ ରଘୁନାଥପୁର ନିକଟ ରିଲାଏନ୍ସ ପେଟ୍ରୋଲ ପମ୍ପର ମ୍ୟାନେଜର ହରିବନ୍ଧୁ ତାଙ୍କର ଜଣେ ଷ୍ଟାଫ୍ ନାରେସୁଙ୍କ ସହ ମିଶି ବାଇକରେ ମାଣ୍ଡିଆପଲ୍ଲୀ ଛକ ନିକଟ ଏସବିଆଇରେ ଟଙ୍କା ଜମା କରିବାକୁ ଯାଉଥିଲେ। ଏହି ସମୟରେ ପଛପଟୁ ଏକ ଇନୋଭା କାର୍‌ରେ ଅଭିଯୁକ୍ତମାନେ ଆସି ହରିବନ୍ଧୁଙ୍କୁ ଆକ୍ରମଣ କରି ଟଙ୍କା ବ୍ୟାଗ ଲୁଟି ନେଇଥିଲେ। ଖବରପାଇ ପୋଲିସ୍ ଅଭିଯୁକ୍ତମାନଙ୍କ ପିଛା କରିଥିଲା। ଗଞ୍ଜାମ ନିକଟରେ ଅଭିଯୁକ୍ତମାନେ କାର ଛାଡି ଅନ୍ୟ ଗାଡିରେ ଚାଲି ଯାଇଥିଲେ। ହରିବନ୍ଧୁଙ୍କ ଏତଲା ପ୍ରକାରେ ଚମାଖଣ୍ଡି ଥାନାରେ ନଂ.୯୨/୧୮ରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତମାନଙ୍କୁ ଧରିବା ଲାଗି ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏଙ୍କ ନିର୍ଦ୍ଦେଶକ୍ରମେ ୨ଟି ଟିମ୍ ଗଠନ ହୋଇଥିଲା।

ଖବରଦାତା ସମ୍ମିଳନୀରେ ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀ, ଚମାଖଣ୍ଡି ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରା ଉପସ୍ଥିତ ଥିଲେ।

## କୂଅରୁ ୨ ଭଉଣୀଙ୍କ ମୃତଦେହ ଉଦ୍ଧାର ଘଟଣା

# ମା’, ବାପା ଗିରଫ: ଭ୍ରାଇଁ ଅଟକ

ଆର.ଉଦୟଗିରି,୧।୧୦(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ଥାନା ଛେଲିଗଡ଼ ଗ୍ରାମର ଏକ କୂଅରୁ ଶନିବାର ଦୁଇ ଭଉଣୀଙ୍କ ମୃତଦେହ ମିଳିବା ଘଟଣା ହତ୍ୟାକାଣ୍ଡ ବୋଲି ଜଣାପଡିଛି। ଦୁଇ ଝିଅ ବି. ସ୍ୱପ୍ନାରାଣୀ ଓ କିରଣଙ୍କୁ ବିଷ ଦେଇ ମାରିବା ପରେ କୂଅରେ ପକାଇଥିଲେ ବୋଲି ଅଭିଯୁକ୍ତ ବାପା ପ୍ରମୋଦ ଆଚାରୀ ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।



ଅଭିଯୁକ୍ତ ବାପା

### ବିଷ ଦେଇଥିବା ସ୍ୱୀକାର କଲେ ବାପା

ସୋମବାର ଅଭିଯୁକ୍ତ ପ୍ରମୋଦ ଏବଂ ତାଙ୍କ ସ୍ତ୍ରୀ ରାଜଶ୍ରୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ହତ୍ୟା ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଭ୍ରାଇଁ ଗଣେଶ ସାହୁଙ୍କୁ ପଚରାଉଚରା ଚାଲିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆର୍. ଉଦୟଗିରି ଏସଡିପିଓ ଅନୀଲ କୁମାର ପ୍ରଧାନ କହିଛନ୍ତି।

ଘର ଅଗଣା ମଧ୍ୟରେ ଥିବା କୂଅରୁ ୨ ଝିଅଙ୍କ ମୃତଦେହ ମିଳିବା ଘଟଣାରେ ବିବାହ ପ୍ରସ୍ତାବ ଭାଙ୍ଗିଯିବାରୁ ସେମାନେ ଆତ୍ମହତ୍ୟା କରିଥିବା ପ୍ରମୋଦ ଥାନାରେ ଅଭିଯୋଗ କରିଥିଲେ। ତେବେ ପ୍ରମୋଦଙ୍କ ଗତିବିଧି ଉପରେ ସନ୍ଦେହ ହେବାରୁ ପୋଲିସ ରବିବାର ତାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ଦୋଷ ସ୍ୱୀକାର କରିଥିଲେ। ପରେ ତାଙ୍କୁ ଗାଁକୁ ନିଆଯାଇଥିବା ବେଳେ ଝିଅମାନଙ୍କୁ ଦେଇଥିବା ବିଷ ବୋତଲ ଦେଖାଇଥିଲେ। ପୋଲିସ ଉକ୍ତ ବିଷ ବୋତଲକୁ ଜବତ କରିଛି। ପ୍ରମୋଦଙ୍କର ୫ ଝିଅ। ବଡ଼ ୨ଜଣ ଓ ୪ର୍ଥ ଝିଅଙ୍କ ବିବାହ ସରିଛି। ତୃତୀୟ ଝିଅ ସ୍ୱପ୍ନାଙ୍କ ବାହାଘର ଭୁବନେଶ୍ୱରରେ ଠିକ ହୋଇଥିଲା। ୪ର୍ଥ ଭ୍ରାଇଁ ଗଣେଶ ପ୍ରସ୍ତାବ ଭାଙ୍ଗିଦେବାକୁ ଉଦ୍ୟମ କରି ଏଥିରେ ସଫଳ ହୋଇଥିଲେ। ଝିଅର ବିବାହ ପ୍ରସ୍ତାବ ଭାଙ୍ଗିବା ପରେ ମା’, ବାପା ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲେ। ସ୍ୱପ୍ନାଙ୍କ ଉପରେ ସେମାନେ ସନ୍ଦେହ କରିଥିଲେ। ବଦନାମରୁ ବଞ୍ଚିବା ପାଇଁ ସ୍ୱପ୍ନା ଓ ସାନ ଝିଅ କିରଣଙ୍କୁ ହତ୍ୟା କରିବାର ଯୋଜନା କରିଥିଲେ। ୨୮ ତାରିଖ ରାତିରେ ଦୁଇ ଝିଅଙ୍କୁ ଦୁଇଟି ଗ୍ଲାସରେ ବିଷ ଦେଇ ତୁମେ ଏହାକୁ ପିଇବ ନା, ଆମେ ପିଇବୁ ବୋଲି କହିଥିଲେ। ତେଣୁ ସ୍ୱପ୍ନା ଏବଂ କିରଣ ଉକ୍ତ ବିଷକୁ ପିଇ ଦେଇଥିଲେ। ଉଭୟଙ୍କ ମୃତ୍ୟୁ ପରେ ବାରଣ୍ଡାରେ ଥିବା କୂଅରେ ସେମାନଙ୍କ ମୃତଦେହ ପକାଇ ଦିଆଯାଇଥିଲା। ଏହି ମାମଲାରେ ନଂ. ୬୪/୧୮ରେ ମାମଲା ରୁଜୁ ହୋଇଛି।

## ଡକାୟତି ଉଦ୍ୟମ ପଣ୍ଡ: ୨ ଗିରଫ: ମାରଣାସ୍ତ୍ର ଜବତ

ହିଞ୍ଜିଳିକାଟୁ,୧।୧୦(ଡ଼ି.ଏନ୍.ଏ)

ଏକ ବଡ଼ ଧରଣର ଡକାୟତି ଉଦ୍ୟମ ଚାଲିଥିବା ବେଳେ ହିଞ୍ଜିଳି ପୋଲିସ ପଣ୍ଡ କରିଛି। ରବିବାର ମଧ ରାତିରେ ୫ ଜଣ ମିଶି ହିଞ୍ଜିଳି ଥାନା ଖଣ୍ଡରା ଛକରେ ଯୋଜନା କରୁଥିବା ପୋଲିସକୁ ସୂଚନା ମିଳିଥିଲା। ପୋଲିସ ସେଠାରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଥିବା ବେଳେ ୩ ଜଣ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ବାସୁଦେବ ନଗର ଅଞ୍ଚଳର ବାବୁଲା ବାହାଦୂର ଓ ନରେନ୍ଦ୍ରପୁର ଗ୍ରାମର ବିପିନ ନାୟକ। ସେମାନଙ୍କଠାରୁ ଗୋଟିଏ ବନ୍ଧୁକ, ୪ ବୋମା, ଭୁଜାଲି, ମୁଖା ଓ ଏକ ବାଇକ ଜବତ କରାଯାଇଛି। ଏ ନେଇ ନଂ. ୨୪୯/୧୮ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଦ୍ୱୟଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଖସି ପଳାଇଥିବା ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଥିବା ସୂଚନା ମିଳିଛି।



ଗିରଫ ଅଭିଯୁକ୍ତ।

## ନୂତନ ବିଡିଓଙ୍କ ଦାୟିତ୍ୱଗ୍ରହଣ

ବୁଗୁଡ଼ା,୧।୧୦(ଡି.ଏନ.ଏ.)

ବୁଗୁଡ଼ା ବ୍ଲକରେ ନୂତନ ବିଡିଓ ଭାବେ ସୋମବାର ସୁକାନ୍ତ କୁମାର ମାଝି ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳାଇ ଏଠାରୁ ବଦଳିହୋଇ ଯିବାପରେ ତାଙ୍କ ସ୍ଥାନରେ ଜଗନ୍ନାଥପ୍ରସାଦ ଏବିଡିଓ ସଞ୍ଜିବରାଜ ସେନାପତି ବୁଗୁଡ଼ା ବିଡିଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ। ନୂତନ ବିଡିଓ ମାଝିଙ୍କୁ ସହକାରୀ ଯନ୍ତ୍ରୀ ପ୍ରଦୀପ କୁମାର ପରିଡ଼ାଙ୍କ ନେତୃତ୍ୱରେ ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

## ଛତ୍ରପୁରର ବିଭିନ୍ନ ସମସ୍ୟା ସମାଧାନ ଦାବି

# ଜିଲାପାଳଙ୍କୁ ଭେଟିଲା ନାଗରିକ କମିଟି

ଛତ୍ରପୁର,୧।୧୦ (ଡି.ଏନ.ଏ)

ଛତ୍ରପୁର ନାଗରିକ କମିଟି ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ସୋମବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଠାରେ ଜିଲା ହେଡକ୍ୱାର୍ଟର ହସ୍ପିଟାଲ ବଦଳରେ ସବଡିଭିଜନାଲ ହସ୍ପିଟାଲ ରହିଛି। ଏହି ହସ୍ପିଟାଲକୁ ଜିଲା ହେଡକ୍ୱାର୍ଟର ହସ୍ପିଟାଲର ମାନ୍ୟତା ଦେବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଏଥିସହ ହସ୍ପିଟାଲରେ ଖାଲି ପଡିଥିବା ଡାକ୍ତର ଓ ଷ୍ଟାଫ୍ ପଦବୀ, ଛତ୍ରପୁର କଲେଜରେ ଖାଲି ପଡିଥିବା ଅଧ୍ୟାପକ ଓ କର୍ମଚାରୀ ପଦବୀ ପୂରଣ, କଲେଜରେ ପୋଲିସ ବ୍ୟବସ୍ଥା, ନୂଆ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ କରିବା ସହ ଦୂରଗାମୀ ବସ ରହଣି ବ୍ୟବସ୍ଥା କରିବା, ସିଟି ବସ୍ ଛତ୍ରପୁର ସହର ଦେଇ ଚଳାଚଳ କରିବାକୁ ଦାବି କରାଯାଇଛି। ନାଗରିକ କମିଟିର ସଭାପତି ଗୋକୁଳ ଚନ୍ଦ୍ର ପଣ୍ଡା, ସାଧାରଣ ସମ୍ପାଦକ ସୁଧୀର ସାହୁ, ରାମଚନ୍ଦ୍ର ବେହେରା, ପ୍ରଦୀପ କୁମାର ପାଢୀ, ପ୍ରଫୁଲ୍ଲ ସେନାପତି, ପ୍ରଫୁଲ୍ଲ ପଟ୍ଟନାୟକ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଧାନ ବିଲରୁ ଯୁବକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର

ପୁରୁଷୋତ୍ତମପୁର,୧।୧୦(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ଏନ୍ଏସି ଉପକଣ୍ଠ ରାଣିଗାଁ ଗ୍ରାମ ରାସ୍ତାର ଚଟରା ନାଳ ନିକଟସ୍ଥ ଏକ ବିଲ ମଧ୍ୟରୁ ରବିବାର ରାତିରେ ପୋଲିସ ଜଣେ ଯୁବକଙ୍କ କ୍ଷତ ବିକ୍ଷତ ମୃତଦେହକୁ ଉଦ୍ଧାର କରିଛି। ମୃତ ଯୁବକ ହେଲେ ରାଣିଗାଁ ଗ୍ରାମର କାଳିଆ ଦାସ। ଆଇଆଇସି ଅଜୟ କୁମାର ବାରିକ ସୋମବାର ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଆଣି ଛାନ୍‌ଭିନ୍ ଆରମ୍ଭ କରିଛନ୍ତି। ଡିଏସ୍‌ପି ଦିଲୀପ କୁମାର ଦାସ ଘଟଣାସ୍ଥଳକୁ ଆସି ପରିସ୍ଥିତିଅନୁଧ୍ୟାନ କରିଛନ୍ତି। ଏ ନେଇ ନଂ. ୨୨୩/୧୮ରେ ମାମଲା ରୁଜୁ ହୋଇଛି। ମୃତଦେହ ପଞ୍ଚନାମା ସରିବା ପରେ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଯାଇଛି। ବ୍ୟବଚ୍ଛେଦ ରିର୍ପୋଟ ଆସିବା ପରେ ଘଟଣାର ସ୍ପଷ୍ଟ ହେବ। ମାତ୍ର ପାରିପାର୍ଶ୍ୱିକ ସ୍ଥିତିକୁ ନେଇ ତଦନ୍ତ ଚାଲିଛି ବୋଲି ଆଇଆଇସି ବାରିକ କହିଛନ୍ତି। ପ୍ରକାଶ ଯେ, କାଳିଆ ବିଲରେ ଓ ନାଳରେ ଘଣି ପକାଇ ମାଛ ମାରନ୍ତି। ତାଙ୍କ ସାଙ୍ଗରେ ଗ୍ରାମର ଅନ୍ୟ କିଛି ବ୍ୟକ୍ତି ମଧ ମାଛ ମାରିବାକୁ ଯାଇଥାନ୍ତି। ରବିବାର ଅପରାହ୍ନରେ କାଳିଆ ମାଛ ମାରିବାକୁ ଆସିଥିବା ବେଳେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ଫଳରେ କାଳିଆଙ୍କ ସ୍ତ୍ରୀ ଓ ପରିବାର ଲୋକ ବହୁ ଖୋଜା ଖୋଜି ପରେ ଘଣି ପକାଇଥିବା ସ୍ଥାନକୁ ଆସି ଖୋଜିଥିଲେ। ନିକଟସ୍ଥ ଏକ ବିଲ ମଧ୍ୟରେ ମୃତଦେହ ପଡ଼ିଥିବାର ଦେଖି କାଳିଆଙ୍କ ସ୍ତ୍ରୀ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ତାଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଛି।




## ଆମ ପୋଲିସ ସମିତି ବୈଠକ

# ଏଣିକି ଗ୍ରାମରେ ହେବ ସ୍ୱୟଂସିଦ୍ଧା ସଭା

ଗଞ୍ଜାମ,୧।୧୦(ଡି.ଏନ.ଏ.)

ଗଞ୍ଜାମ ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଏସଡିପିଓ ରମେଶ ଚନ୍ଦ୍ର ସେଠୀ ଅଧକ୍ଷତା କରିଥିଲେ। ଆଗାମୀ ଦିନରେ ପ୍ରତି ଗ୍ରାମରେ ସ୍ୱୟଂସିଦ୍ଧା କାର୍ଯ୍ୟକ୍ରମ କରାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ପୋଲିସ ଓ ଜନତା ମଧ୍ୟରେ ସମନ୍ୱୟ ରହିପାରିବ ବୋଲି ମତ ପ୍ରକାଶ ପାଇଥିଲା। ପୂର୍ବ ଅପେକ୍ଷା ଅପରାଧ କିଛି ମାତ୍ରାରେ ହ୍ରାସ ପାଇଥିବା, ବାହ୍ୟ ମଳତ୍ୟାଗ କମିଥିବା ଅତିଥିମାନେ ସୂଚନା ଦେଇଥିଲେ। ହେଲମେଟ ବ୍ୟବହାର, ଦ୍ରୁତ ଗତିରେ ଗାଡ଼ି ଚାଳନା ପ୍ରତି ପଦକ୍ଷେପ ନିଆଯିବ ବୋଲି ଏସଆଇ ରମାକାନ୍ତ ସାହୁ ସୂଚନା ଦେଇଥିଲେ। ବୈଠକରେ ଅବସରପ୍ରାପ୍ତ ଇଂଲିଶ ଅଧାପକ ଭିକାରୀ ବେହେରା, ଯଶୋଦା ମହାବିଦ୍ୟାଳୟ ପ୍ରତିଷ୍ଠାତା ଗୋବିନ୍ଦ ଚନ୍ଦ୍ର ପଣ୍ଡା, ପ୍ରମିଳା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେକେଣ୍ଡ ଅଫିସର ଏଚକେ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଲେଖିକା ସାମ୍ମୁଖ୍ୟର ମାସିକ ଆସର

ବ୍ରହ୍ମପୁର ଅଫିସ,୧।୧୦

ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଞ୍ଜାମ ଜିଲା ଲେଖିକା ସାମ୍ମୁଖ୍ୟର ସାହିତ୍ୟ ଆସର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଲେଖକ ସମ୍ମୁଖ୍ୟର ସଭାପତି ପ୍ରଫେସର ଡ. ରବିନାରାୟଣ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସାଧାରଣ ସମ୍ପାଦକ ହାଡିବନ୍ଧୁ ମାଳୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ଓ ସହ ସମ୍ପାଦିକା ଆରତୀ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପସଭାନେତ୍ରୀ ମାଧୁରୀ ଅଧିକାରୀ, ଇଂ. ସୂର୍ଯ୍ୟକାନ୍ତ ପାତ୍ର, ପ୍ରଫେସର ଡ. ବ୍ରଜମୋହନ ସାସମଲ, ଡ. ବନମାଳୀ ପାଣିଗ୍ରାହୀ, ଡା. ଚନ୍ଦ୍ରମଣି ସ୍ୱାଇଁ, ପ୍ରଫୁଲ୍ଲ ଚନ୍ଦ୍ର ରାଉତ, ଗୋଦାବରୀଶ ଦାଶ, ମନ୍ମଥ ପାଢୀ, ଜ୍ୟୋସ୍ନାରାଣୀ ସ୍ୱାଇଁ, ବିଦ୍ୟାବତୀ ପାଣିଗ୍ରାହୀ, ସ୍ୱର୍ଣ୍ଣମୟୀ ପାଢୀ, ଡା. ସଚଳା ଅଧିକାରୀ, ତ୍ରିନାଥ ନାୟକ ଓ ସୁଦାମ ପାଣିଗ୍ରାହୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦକ ଶ୍ରୀପଲ୍ଲବ ଧନ୍ୟବାଦ ଦେଇଥିଲେ।

CLASSIFIED DISPLAY












## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ରନ୍ ଫର୍ ବ୍ରହ୍ମପୁର। ସ୍ଥାନ-ବ୍ରହ୍ମପୁର ଷ୍ଟାଡିୟମ୍। ସମୟ-ସକାଳ ସାଢ଼େ ୬ଟା ।
- ଗ୍ରୀନ୍ ଆକ୍ସନ୍ ୱିକ୍। ସ୍ଥାନ- ପୌର କଲ୍ୟାଣ ମଣ୍ଡପ। ସମୟ-ପୂର୍ବାହ୍ନ ୭ଟା ।
- ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ। ସ୍ଥାନ-ଗାନ୍ଧୀନଗର ଛକ। ସମୟ-ସକାଳ ୭ଟା ।
- ମୋଟର୍ ସାଇକେଲ୍ ରାଲି। ସ୍ଥାନ-ପ୍ରେମନଗର ରୋଟାରୀ କ୍ଲବ। ସମୟ-ସକାଳ ସାଢ଼େ ୭ଟା ।
- ବିଜେଡ଼ିର ପଦଯାତ୍ରା। ସ୍ଥାନ-ଗୋଇଲୁଣ୍ଡି ଶିବ ମନ୍ଦିର। ସମୟ-ଅପରାହ୍ନ ୩ଟା ।

## ସଂକ୍ଷେପରେ

### ସୁନାଚେନ୍ ଲୁଟ୍ ଉଦ୍ୟମ ବିଫଳ

## ରାସ୍ତାରେ ପଡି ମହିଳା ଆହତ

**ବ୍ରହ୍ମପୁର ଅଫିସ,୧।୧୦:** ବ୍ରହ୍ମପୁର ଗଜପତି ନଗର ଦଶମ ଲେନ୍‌ରେ ସୋମବାର ପୂର୍ବାହ୍ନରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ଉଦ୍ୟମ ବିଫଳ ହୋଇଛି। ମହିଳା ଜଣକ ରାସ୍ତାରେ ପଡି ଆହତ ହୋଇଛନ୍ତି । ପ୍ରକାଶଯେ, ନୀଳାଞ୍ଚଳ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିକ୍ଷୟିତ୍ରୀ ଜୟପ୍ରକାଶ ନଗର ଅଞ୍ଚଳର ଏ.ଇନ୍ଦିରା ମିଶ୍ର ସୋମବାର ପୂର୍ବାହ୍ନରେ ଗଜପତି ନଗର ଦଶମ ଲେନ ଦେଇ ସ୍କୁଟିରେ ଯାଉଥିଲେ । ହଠାତ୍ ପଛପଟୁ ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନା ଚେନ ଝାମ୍ପି ନେବା ପାଇଁ ଉଦ୍ୟମ କରିଥିଲେ , ହେଲେ ନେଇ ନ ପାରି କେଉଁ ଆଡେ ଚମ୍ପଟ ମାରିଥିଲେ । ଦୁର୍ବୃତ୍ତଙ୍କ ଧକ୍କାରେ ଇନ୍ଦିରା ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ନର୍ଦ୍ଦମାକୁ ଖସି ପଡି ଆହତ ହୋଇଥିଲେ। ଘଟଣା ସ୍ଥଳରେ ବୈଦ୍ୟନାଥପୁର ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଥିବା ବେଳେ ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## କୀଟନାଶକ ପିଇ ଯୁବକଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧।୧୦ :** ଗଞ୍ଜାମ ଜିଲା ପୋଲସରା ଥାନା ଡିଗିରଆ ଗ୍ରାମରେ କୀଟନାଶକ ପିଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ସୁଶାନ୍ତ କୁମାର ପ୍ରଧାନ(୩୫) । ସୁଶାନ୍ତ ସୋମବାର ସକାଳେ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଘରେ ଥିବା କୀଟନାଶକ ପିଇ ଦେଇଥିଲେ । ଗୁରୁତର ଅବସ୍ଥାରେ ପରିବାର ବର୍ଗ ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୪୯୧/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

### ୬ଶହ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ

# ସରକାରୀ କାର୍ଯ୍ୟକ୍ରମରେ ବିଜେଡି ନେତା ଅତିଥି

- ଅଧ୍ୟକ୍ଷତା କଲେ ବିଜୁ ଶ୍ରମିକ ସାମ୍ମୁଖ୍ୟ ସମ୍ପାଦକ
- କୋଣଠେସା ହୋଇଗଲେ ଶ୍ରମ ବିଭାଗ କର୍ମଚାରୀ
- ମୁହଁ ଖୋଲୁନାହାନ୍ତି ଜିଲା ଶ୍ରମ ଅଧିକାରୀ

**ବ୍ରହ୍ମପୁର ଅଫିସ୍,୧।୧୦**

ଓଡ଼ିଶା ଅଣସଂଗଠିତ ସାମାଜିକ ସୁରକ୍ଷା ବୋର୍ଡ଼ ତରଫରୁ ପଞ୍ଜୀକୃତ ଶ୍ରମିକମାନଙ୍କୁ ପରିଚୟପତ୍ର ପ୍ରଦାନ ଶିବିର ସୋମବାର ସ୍ଥାନୀୟ ଟାଉନ୍‌ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲା ସମ୍ପାଦକ ଉଜ୍ଜ୍ୱଳ ପାଢୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ପ୍ରାୟ ୬ଶହ ଅଣସଂଗଠିତ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ମୁଖ୍ୟତଃ ଘରେ କାମ କରୁଥିବା ଚାକରାଣୀ, ରିକ୍ସା ଚାଳକ, ସେଲୁନ୍ କର୍ମଚାରୀ ଏବଂ ଅନ୍ୟାନ୍ୟ ଅଣସଂଗଠିତ କ୍ଷେତ୍ର କର୍ମଚାରୀମାନେ ସାମିଲ୍ ଥିଲେ। ସରକାରୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଭାବେ ମାଳ ମାଳ ବିଜେଡ଼ି ନେତାଙ୍କୁ ଦେଖିବାକୁ ମିଳିଥିଲା । ଏପରିକି କାର୍ଯ୍ୟକ୍ରମ ପରିଚାଳନାରେ ମଧ୍ୟ ବିଜେଡ଼ି କର୍ମୀମାନେ ପ୍ରମୁଖ ଭୂମିକା ନେଇଥିଲେ । ବିଜେଡ଼ିରେ ବିଭିନ୍ନ ପଦ ପଦବୀରେ ଥିବା ଏହି ନେତାଙ୍କୁ ବକ୍ତବ୍ୟ ପ୍ରଦାନ ପାଇଁ ସୁଯୋଗ ଦିଆଯାଇଥିଲା । ସମ୍ପୃକ୍ତ ନେତାମାନେ ମଧ୍ୟ ଭାଷଣରେ ନିଜ ଦଳକୁ ଭୂୟସୀ ପ୍ରଶଂସା କରିଥିଲେ । ନେତାମାନଙ୍କୁ ମଞ୍ଚ ଉପରକୁ ସ୍ୱାଗତ କରିବା ବେଳେ ମଧ୍ୟ ବିଜେଡ଼ିରେ ସେମାନଙ୍କ ପଦବୀ ସମ୍ପର୍କରେ ପରିଚୟ ଦିଆଯାଇଥିଲା। ବିଜୁ ଶ୍ରମିକ ସାମ୍ମୁଖ୍ୟ ବିଜେଡ଼ିର ଏକ ସଂଗଠନ । କିନ୍ତୁ ସାମ୍ମୁଖ୍ୟର ଜିଲା ସମ୍ପାଦକ ଉଜ୍ଜ୍ୱଳ ପାଢୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ମଞ୍ଚରେ ଲାଗିଥିବା ବ୍ୟାନର୍‌ରେ ଜିଲା ପ୍ରଶାସନ ଏବଂ ଶ୍ରମ ବିଭାଗ ସୌଜନ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ଲେଖାଯାଇଥିଲା । କିନ୍ତୁ କାର୍ଯ୍ୟକ୍ରମଟି ବିଜେଡ଼ିର ସମ୍ପୂର୍ଣ୍ଣ ଦଳୀୟ ହୋଇଯାଇଥିଲା । ଶ୍ରମ ବିଭାଗ ଅଧିକାରୀମାନେ କୋଣଠେସା ହୋଇ ଯାଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସେମାନଙ୍କର କୌଣସି ଭୂମିକା ନ ଥିଲା । କର୍ମଚାରୀମାନେ ମୂକ ଦର୍ଶକ ସାଜିଥିଲେ । ସରକାରୀ କାର୍ଯ୍ୟକ୍ରମକୁ ବିଜେଡ଼ି ନେତାମାନେ ଯେଉଁଭଳି ଭାବେ ଦଳୀୟ କାର୍ଯ୍ୟକ୍ରମରେ ପରିଣତ କରିଦେଲେ, ତାହାକୁ ନେଇ ଶ୍ରମ ବିଭାଗର କେତେକ କର୍ମଚାରୀ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ ।

ମୁଖ୍ୟଅତିଥି ଭାବେ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗ ଦେଇଥିଲେ । ବୈଧତା ସରିବା ପୂର୍ବରୁ ପଞ୍ଜୀକରଣକୁ ନବୀକରଣ କରିବା ସହ ସରକାରଙ୍କ ତରଫରୁ ପ୍ରଦତ୍ତ ସମସ୍ତ ସୁବିଧା ନେବାକୁ ଶ୍ରମିକମାନଙ୍କୁ ସେ ଆହ୍ୱାନ ଦେଇଥିଲେ । ରାଜ୍ୟ ସରକାର ସର୍ବଦା ଶ୍ରମିକଙ୍କ ସ୍ୱାର୍ଥ ସୁରକ୍ଷାକୁ ଗୁରୁତ୍ୱ ଦେଉଛନ୍ତି । ସେମାନଙ୍କ ସାମାଜିକ ସୁରକ୍ଷାକୁ ମଧ୍ୟ ସରକାର ପ୍ରାଥମିକତା ଦେଉଛନ୍ତି । ଏଣୁ ପ୍ରତ୍ୟେକ ଶ୍ରମିକ ସରକାରୀ ସୁବିଧାର ଲାଭ ନେବା ଆବଶ୍ୟକ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ବିଜେଡ଼ି ନେତା ଚନ୍ଦ୍ରଶେଖର ସାହୁ ଯୋଗ ଦେଇଥିଲେ । ଶ୍ରମିକଙ୍କ ପରିବାରକୁ ସ୍ୱାସ୍ଥ୍ୟ, ଶିକ୍ଷା, ସାମାଜିକ ସୁରକ୍ଷା ପ୍ରଦାନ ରାଜ୍ୟ ସରକାରଙ୍କ କାର୍ଯ୍ୟସୂଚୀର ସବୁଠୁ ଉପରେ ରହିଛି ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, ଜିଲା ଶ୍ରମ ଅଧିକାରୀ(ବ୍ରହ୍ମପୁର) ବାବୁ ଚରଣ ପାତ୍ର, ବିଜେଡ଼ି ନେତା ବିକ୍ରମ ପଣ୍ଡା, ଜିଲା ମହିଳା ବିଜେଡ଼ି ସଭାନେତ୍ରୀ ସଂଘମିତ୍ରା ଦଳେଇ, ଜିଲା ବିଜେଡ଼ି ସାଧାରଣ ସମ୍ପାଦକ ଜଗନ୍ନାଥ ସାବତ, ବିଜେଡ଼ି ନେତା ଦୁର୍ଗା ମାଧବ ପଣ୍ଡା, ସ୍ନେହଲତା ପଣ୍ଡା, ଶଙ୍କର ଦାସ, ପ୍ରମୋଦ ମହାରଣା, ମହାନଗର ଯୁବ ବିଜେଡ଼ି ସଭାପତି ମୁକୁନ୍ଦ ଗୌଡ଼, ନିରଞ୍ଜନ ଜେନା ଓ ଲକ୍ଷ୍ମୀପ୍ରିୟା ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲା ପ୍ରଶାସନ ଏବଂ ଶ୍ରମ ବିଭାଗ ସୌଜନ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ବିଜେଡ଼ି ନେତାଙ୍କ ସମେତ ଶ୍ରମିକ ଏବଂ ସେମାନଙ୍କ ପରିବାର ବର୍ଗ ଉପସ୍ଥିତ ଥିଲେ ।

ଏନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ଜିଲା ସମ୍ପାଦକ ଉଜ୍ଜ୍ୱଳ ପାଢୀଙ୍କୁ ପଚାରିବାରୁ ସେ କହିଥିଲେ, ସରକାରୀ କାର୍ଯ୍ୟକ୍ରମ ହୋଇଥିଲେ ମଧ୍ୟ ଆମ ସଂଗଠନର କର୍ମୀମାନେ ଏହାକୁ ପରିଚାଳନା କରିଛନ୍ତି । ଏଥିରେ କିଛି ଅସୁବିଧା ନାହିଁ ବୋଲି ସେ ପ୍ରକାଶ କରଥିଲେ। ଜିଲା ଶ୍ରମ ଅଧିକାରୀ(ବ୍ରହ୍ମପୁର) ବାବୁ ଚରଣ ପାତ୍ରଙ୍କୁ ତାଙ୍କ ମୋବାଇଲ୍ ନମ୍ବର ୯୪୩୭୪୬୦୭୬୨ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉତ୍ତର ଦେଇ ନ ଥିଲେ ।


ପରିଚୟପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ବିଜେଡ଼ି ନେତାମାନେ ।

## ଡିଏଲ୍‌ଏସ୍‌ଏର ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ

**ବ୍ରହ୍ମପୁର ଅଫିସ,୧।୧୦:** ବ୍ରହ୍ମପୁର ଗଜପତି ନଗର ତୃତୀୟ ଲେନ୍‌ସ୍ଥିତ କଲ୍ୟାଣ ମଣ୍ଡପରେ ସୋମବାର ଜିଲା ଆଇନ ସେବା ପ୍ରାଧିକରଣ କମିଟି ପକ୍ଷରୁ ଏମ୍‌କେସିଜି ସିନିୟର୍ ସିଟିଜେନ ଫୋରମ ସହାୟତାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ପ୍ରାଧିକରଣ ସଚିବ ବିଜୟ କୁମାର ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଆଇନ ସଚେତନତା ଶିବିରରେ ପାରିବାରିକ ବିଚାର ବିଭାଗ ଜଜ୍ ଲଳିତ କୁମାର ଦାସ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସଦାନନ୍ଦ ମିଶ୍ର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କୁରୁମୟା ପାତ୍ର, ଏମ୍‌କେସିଜି ସିନିୟର ସିଟିଜେନ ଫୋରମ ଗଭର୍ନର ରାଜେନ୍ଦ୍ର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ସରକାରୀସ୍ତରରେ ବରିଷ୍ଠ ନାଗରିକଙ୍କ ପାଇଁ ଥିବା ସମସ୍ତ ସୁବିଧା ସୁଯୋଗ ଏବଂ ମୁକ୍ତ ଆଇନ ସେବା ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ପରେ ୫ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ସମସ୍ତ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ୮ ଜଣଙ୍କ ଆଖିରେ ପରଳ ହୋଇଥିବା ଚିହ୍ନଟ କରାଯାଇ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ସିଟି ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଆଇନଜୀବୀ ଶତୀସ୍ ପାଣିଗ୍ରାହୀ, ଏମ୍‌କେସିଜି ସିନିୟର ସିଟିଜେନ ଫୋରମ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ ।

### 'ମୋ ସ୍କୁଲ' ଅଧ୍ୟକ୍ଷାଙ୍କ ଗଞ୍ଜାମ ଗସ୍ତ

# ପରିବର୍ତ୍ତନ ହେବ ବିଦ୍ୟାଳୟର ରୂପରେଖ

**ବ୍ରହ୍ମପୁର ଅଫିସ୍,୧।୧୦**

'ମୋ ସ୍କୁଲ' ଅଭିଯାନ ରାଜ୍ୟ ଅଧ୍ୟକ୍ଷା ସୁସ୍ମିତା ମହାନ୍ତି ସୋମବାର ଦିନିକିଆ ଗଞ୍ଜାମ ଜିଲା ଗସ୍ତରେ ଆସିଥିଲେ। ତାଙ୍କ ସହ ଏହି ଗସ୍ତରେ ଅହମ୍ମଦାବାଦ ଜାତୀୟ ଡିଜାଇନ୍ ସଂସ୍ଥା ପ୍ରଫେସର ଶୁଭ୍ରା ରାଜେ ଏବଂ ଆର୍କିଟେକଚର୍ ଶିବାନନ୍ଦ ଭୋଳ ସାମିଲ ଥିଲେ। ପ୍ରଥମେ ସେମାନେ ହିଲ୍‌ପାଟଣାସ୍ଥିତ ବାଳିକା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ଗସ୍ତ କରିଥିଲେ। ମୋ ସ୍କୁଲ ଅଭିଯାନ ଆନୁକୂଲ୍ୟରେ 'ତଳେ ବସିବାକୁ ନା' କାର୍ଯ୍ୟକ୍ରମରେ ପ୍ରଦାନ କରାଯାଇଥିବା ଚୌକି ଟେବୁଲ୍‌କୁ ବୁଲି ଦେଖିଥିଲେ। ବିଦ୍ୟାଳୟରେ ଔଷଧ ବଗିଚା ଏବଂ ଅନ୍ୟାନ୍ୟ ଅଭିନବ ପଦକ୍ଷେପଗୁଡ଼ିକ ପରିଦର୍ଶନ କରିଥିଲେ । ଏହି ଅବସରରେ ସେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଗସ୍ତ ସମ୍ପର୍କରେ ଅଧ୍ୟକ୍ଷା ମହାନ୍ତି କହିଥିଲେ, ବିଦ୍ୟାଳୟର ରୂପରେଖ ପରିବର୍ତ୍ତନକୁ ଗୁରୁତ୍ୱ ଦିଆଯାଉଛି । କେଉଁ ପ୍ରକାରର ଚୌକି ଟେବୁଲ୍ ପଡ଼ିବ, ତାହାର ରଙ୍ଗ କ'ଣ ରହିବ, ସେ ସମ୍ପର୍କରେ ଅନୁଧ୍ୟାନ କରାଯାଉଛି । ସେହିଭଳି ବିଦ୍ୟାଳୟ କୋଠା ନିର୍ମାଣ ଶୈଳୀରେ ମଧ୍ୟ ପରିବର୍ତ୍ତନ କରାଯିବ। ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ କ'ଣ କ'ଣ ଅଭିନବ କୌଶଳ କାର୍ଯ୍ୟକାରୀ କରାଯିବ, ସେ ସମ୍ପର୍କରେ ଆଲୋଚନା ଚାଲିଛି । ସେଥିପାଇଁ ଜଣେ ଡିଜାଇନର୍ ଏବଂ ଜଣେ ଆର୍କିଟେକଚର୍ ଏହି ଗସ୍ତରେ ସାମିଲ୍ ହୋଇଛନ୍ତି। ଗତ ଏପ୍ରିଲ୍‌ରେ ବ୍ରହ୍ମପୁର ସିଟି ହାଇସ୍କୁଲକୁ ପରିଦର୍ଶନରେ ଯାଇଥିଲୁ। ସେହି ବିଦ୍ୟାଳୟରେ ବହୁ ପୁରୁଣା ଚୌକି ଟେବୁଲ୍‌ଗୁଡ଼ିକ ପଡ଼ିଥିଲେ ମଧ୍ୟ ସେଗୁଡ଼ିକ ବେଶ୍ ଆକର୍ଷଣୀୟ ହୋଇଛି। ପିଲାମାନେ ମଧ୍ୟ ବ୍ୟବହାର ପାଇଁ ସହଜ ଅନୁଭବ କରୁଛନ୍ତି। ସେଭଳି ଚୌକି ଟେବୁଲ୍ ଅନ୍ୟ ବିଦ୍ୟାଳୟଗୁଡ଼ିକୁ ମଧ୍ୟ ପ୍ରଦାନ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି । ପରେ ଏହି ଟିମ୍ କନିଷ୍ଠି ବାଲାଜୀ ବିଦ୍ୟାପୀଠ ଏବଂ କୁକୁଡ଼ାଖଣ୍ଡି ଆଦର୍ଶ ବିଦ୍ୟାଳୟ ଓ ବ୍ରହ୍ମପୁର ସିଟି ହାଇସ୍କୁଲ ପରିଦର୍ଶନରେ ଯାଇଥିଲେ। ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତୀ ମହାପାତ୍ର ଏବଂ ପ୍ରଧାନ ଶିକ୍ଷକ ରାଧା ବଲ୍ଲଭ ପଟ୍ଟନାୟକ ଉପସ୍ଥିତ ଥିଲେ।

ପରେ ଏହି ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରବନ୍ଧ, ବିତର୍କ, ବକ୍ତୃତା, ଚିତ୍ରାଙ୍କନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଲଘୁ ସଂଗୀତ, ସୃଜନଶୀଳ ଲିଖନ ଏବଂ ଓଡ଼ିଆ ହସ୍ତାକ୍ଷର ଆଦି ଅନୁଷ୍ଠିତ ହୋଇଥିଲା ।



ମୋ ସ୍କୁଲ ଅଧ୍ୟକ୍ଷା ମହାନ୍ତି ଓ ଅନ୍ୟମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି ।

## ଆନ୍ତର୍ଜାତିକ ବୟୋଜ୍ୟେଷ୍ଠ ଦିବସ

**ବ୍ରହ୍ମପୁର ଅଫିସ୍,୧।୧୦**

ସ୍ଥାନୀୟ ଆଇଇସି ହଲ୍‌ରେ ସୋମବାର ଆନ୍ତର୍ଜାତିକ ବୟୋଜ୍ୟେଷ୍ଠ ଦିବସ ପାଳନ କରାଯାଇଛି। ଜିଲା ଚିକିତ୍ସାଧିକାରୀ ଡା. ସଦାନନ୍ଦ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ । ଗଞ୍ଜାମ ଜିଲାରେ ଏନ୍‌ପିଏଚ୍‌ସିଇ କାର୍ଯ୍ୟକ୍ରମ ଜରିଆରେ ବରିଷ୍ଠ ନାଗରିକଙ୍କୁ କିପରି ସୁବିଧା ପ୍ରଦାନ କରାଯାଉଛି, ସେ ସମ୍ପର୍କରେ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ହିମାଂଶୁବାଳା ପଟ୍ଟନାୟକ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ମ୍ୟାଲେରିଆ ଅଧିକାରୀ ଡା. ଜଗଦୀଶ ପଟ୍ଟନାୟକ, ଜିଲା ପରିବାର କଲ୍ୟାଣ ଅଧିକାରୀ ଡା. ସରୋଜିନୀ ଦେବୀ, ଜିଲା କୁଷ୍ଠ ଅଧିକାରୀ ଡା. ଗୀତାଞ୍ଜଳି ଦାଶ, ଡା. ଅଶୋକ ମିଶ୍ର, ମାନସିକ ରୋଗ ବିଭାଗ ଡା. ବିଭୁ କଲ୍ୟାଣ ସାହୁ, ଅଣସଂକ୍ରାମକ ରୋଗ ଭେଷଜ ବିଶେଷଜ୍ଞ ଡା. ମନୋଜ ପାଣିଗ୍ରାହୀ, ଓକିଲ ସଂଘ ସଭାପତି ମୋହନ ସିଙ୍ଗାରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀଙ୍କ ସମେତ ବିଜୁ ପଟ୍ଟନାୟକ ବରିଷ୍ଠ ନାଗରିକ ମଞ୍ଚ ସଦସ୍ୟମାନେ ଭାଗ ନେଇଥିଲେ। ଚଳିତ ବର୍ଷର ଆହ୍ୱାନ 'ବୟୋଜ୍ୟେଷ୍ଠ ମାନବୀୟ ଅଧିକାରକୁ ସମର୍ଥନ ଦେଇ ଉତ୍ସବ ପାଳନ କରିବା' ସମ୍ପର୍କରେ ଆଲୋଚନା ହୋଇଥିଲା । ଦୈନନ୍ଦିନ ଜୀବନରେ ବୟୋଜ୍ୟେଷ୍ଠମାନଙ୍କ ଅଧିକାରକୁ ପ୍ରୋତ୍ସାହିତ କରିବା, ସମାଜରେ ବିଭିନ୍ନ ଉପଯୋଗିତାମୂଳକ କାର୍ଯ୍ୟରେ ସେମାନଙ୍କ ଭାଗୀଦାରି, ଅଧିକାରୀ ଏବଂ ସ୍ୱାଧୀନତାକୁ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ନାଗରିକ ଭାଗ ନେଇଥିଲେ ।



ମଞ୍ଚାସୀନ ଅତିଥି ଏବଂ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ।

### ଆଇଟିଆଇ ପକ୍ଷରୁ ସ୍ୱଚ୍ଛତା ସେବା କାର୍ଯ୍ୟକ୍ରମ

# ପଥପ୍ରାନ୍ତ ନାଟକ, କାଗଜ ବ୍ୟାଗ୍ ଦେଇ କଲେ ସଚେତନ

**ବ୍ରହ୍ମପୁର ଅଫିସ,୧।୧୦**

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ମଙ୍ଗଳବାର ଗାନ୍ଧିଜୟନ୍ତୀରୁ ସମଗ୍ର ରାଜ୍ୟରେ ପଲିଥିନ, ପ୍ଲାଷ୍ଟିକକୁ ବ୍ୟାନ ଘୋଷଣା କରାଯାଇଛି । ଏହି ପରିପ୍ରେକ୍ଷୀରେ ପଲିଥିନ ବର୍ଜନ ଓ ସ୍ୱଚ୍ଛ ପରିବେଶ, ସ୍ୱଚ୍ଛ ସହରର ବାର୍ତ୍ତା ନେଇ ବ୍ରହ୍ମପୁର ସରକାରୀ ଆଇଟିଆଇ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଏକ ସଚେତନତା ଶୋଭଯାତ୍ରା ଆୟୋଜିତ ହୋଇଥିଲା । ଅନୁଷ୍ଠାନ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆଇଟିଆଇ ପରିସରରୁ ଏକ ଶୋଭଯାତ୍ରା ବାହାରି କୋର୍ଟପେଟା ଛକ, ନୂଆ ବସ୍‌ଷ୍ଟାଣ୍ଡ ମଧ୍ୟ ଦେଇ ଏମ୍‌କେସିଜି ଷ୍ଟାଡିୟମରେ ପହଞ୍ଚିଥିଲା। ଷ୍ଟାଡିୟମରେ ଛାତ୍ରୀଛାତ୍ରମାନେ ପଥପ୍ରାନ୍ତ ନାଟକ ମାଧ୍ୟମରେ ପଲିଥିନ ବର୍ଜନ ଓ ସ୍ୱଚ୍ଛ ପରିବେଶ, ସ୍ୱଚ୍ଛ ସହରରେ ପରିଣତ କରିବା ନେଇ ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ଅତିଥି ଭାବେ ଯୋଗ ଦେଇଥିଲେ । ନିଜେ ସଫା ରହିବା ଓ ପରିବେଶକୁ ସଫା ରଖିବା ସମସ୍ତଙ୍କ ଦାୟିତ୍ୱ ବୋଲି ଛାତ୍ରୀଛାତ୍ରମାନେ ବୁଝାଇଥିଲେ । ସିଲେଇ ଓ ପେଣ୍ଟର ଟ୍ରେଡର ଛାତ୍ରୀଛାତ୍ରମାନେ ନିଜଦ୍ୱାରା ପ୍ରସ୍ତୁତ କାଗଜ ବ୍ୟାଗକୁ ଅତିଥିଙ୍କ ସମେତ ଉପସ୍ଥିତ ଅଞ୍ଚଳବାସୀଙ୍କୁ ବାଣ୍ଟିବା ସହ ପଲିଥିନ ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ ।



ସ୍ୱଚ୍ଛ ପରିବେଶ ନେଇ ଛାତ୍ରୀଛାତ୍ରମାନେ ପଥପ୍ରାନ୍ତ ନାଟକ ପରିବେଷଣ କରୁଛନ୍ତି ।

### ନୀଳକଣ୍ଠନଗର ଶିଶୁ ବିଦ୍ୟାମନ୍ଦିରରେ ହୃତ୍‌ପିଣ୍ଡ ଦିବସ

# ମାନସିକ ଦୁଶ୍ଚିନ୍ତାରୁ ଦୂରରେ ରହିବାକୁ ଆହ୍ୱାନ

**ବ୍ରହ୍ମପୁର ଅଫିସ,୧।୧୦**

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କଳିଙ୍ଗ ହସ୍‌ପିଟାଲ ଭୁବନେଶ୍ୱର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ରବିବାର ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି ଗାନ୍ଧୀନଗର ଛକ ଦେଇ ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା । ଏହାପରେ ବିଦ୍ୟାମନ୍ଦିରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବ୍ରହ୍ମପୁର ବିଧାୟକ ଡା ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, ଉଚ୍ଚ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବୈଜ୍ଞାନିକ ଡ. ବି.ସି. ସାବତ, କଳିଙ୍ଗ ହସ୍‌ପିଟାଲର ହୃଦରୋଗ ବିଶେଷଜ୍ଞ ଡା. ଶ୍ୱେତାଙ୍କ ଦାସ, ଏମ୍‌କେସିଜି ମେଡିକାଲ କଲେଜ ଅଧ୍ୟକ୍ଷ ଡା. ରାଧା ମାଧବ ତ୍ରିପାଠୀ, ବ୍ରହ୍ମପୁର ଅତିରିକ୍ତ ପୋଲିସ୍ ଅଧୀକ୍ଷକ ଶାନ୍ତନୁ କୁମାର ଦାସ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ବି.କେ. ଗଡନାୟକ ଓ ପ୍ରଫେସର ସତ୍ୟ ନାରାୟଣ ସାହୁ, ଜିଲା ଭାଜପା ସଭାପତି କାହ୍ନୁଚରଣ ପତି, ଗୋସାଇଁନୂଆଗାଁ ଥାନା ଭାରପ୍ରାପ୍ତ ଅଧିକାରୀ କୁଳମଣି ସେଠୀ, ବ୍ରହ୍ମପୁର ଡାକ ବିଭାଗ ଅଧିକାରୀ ମାନସ ସାହୁ, ବିଦ୍ୟାଳୟ ଯୁକ୍ତ ୩ ବିଭାଗର ଡିନ୍ ଡ. ବିବେକାନନ୍ଦ ପଣ୍ଡା, ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ନାରାୟଣ ପଣ୍ଡା, ସଦସ୍ୟ ନୀଳକଣ୍ଠ ସାହୁ, ଉପଦେଷ୍ଟା ସୁଦର୍ଶନ ପାଢୀ, ନରସିଂହ ଚୌଧୁରୀ ଓ ହରିକୃଷ୍ଣ ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ। ଜମେଶ୍ୱର ମିଶ୍ର, ସୁରେନ୍ଦ୍ର ପଣ୍ଡା ଓ ଡ. ପ୍ରସନ୍ନ କରଙ୍କ ସମେତ ବିଦ୍ୟାଳୟ ଯୁକ୍ତ ୨ ବିଭାଗ ଅଧ୍ୟକ୍ଷ ଏସ୍. ମୋହନ ରାଓ, ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟ ଉମାଧବ ମହାନ୍ତି, ଯୁକ୍ତ ୩ ବିଭାଗ ଅଧ୍ୟକ୍ଷ ସୁବ୍ରତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅତ୍ୟଧିକ କୋଲେଷ୍ଟ୍ରଲଯୁକ୍ତ ଖାଦ୍ୟ, ମସଲାଯୁକ୍ତ ଖାଦ୍ୟ ହୃଦ୍‌ରୋଗ ସୃଷ୍ଟିର କାରଣ । ତେଣୁ ଏହାକୁ ବର୍ଜନ କରିବାକୁ ଅତିଥିମାନେ କହିଥିଲେ । ସିଝା ପନିପରିବା ଅଧିକ ଖାଇବା ସହ ଖୁସି ବାତାବରଣ ମଧ୍ୟରେ ରହିବା, ମାନସିକ ଦୁଶ୍ଚିନ୍ତାରୁ ଦୂରରେ ରହିଲେ ଏହି ରୋଗକୁ ଏଡାଯାଇ ପାରିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ହୃଦ୍‌ରୋଗ ସମ୍ବନ୍ଧୀୟ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ହୃଦ୍‌ରୋଗ ବିଶେଷଜ୍ଞମାନେ ଯୋଗଦେଇ ଏହାର କାରଣ, ନିରାକରଣ ଓ ପ୍ରତିକାର ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ଆଚାର୍ଯ୍ୟାଆଚାର୍ଯ୍ୟଙ୍କ ସମେତ ଯୁକ୍ତ ୩ ବିଭାଗର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ ।



ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ଆୟୋଜିତ ଶୋଭାଯାତ୍ରା ।

## ସଂକ୍ଷେପରେ

### ଏନ୍‌ଏସିର ପ୍ରଶାସନିକ ଦାୟିତ୍ୱ ନେଲେ ଉପଜିଲାପାଳ

**ଗୋପାଳପୁର, ୧।୧୦:** ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା, ଉପାଧକ୍ଷ ଓ କାଉନସିଲର କାର୍ଯ୍ୟକାଳ ଶେଷ ହୋଇଛି। ବ୍ରହ୍ମପୁର ଉପଜିଲପାଳ ଦିଗନ୍ତ ରାଉତରାୟ ପ୍ରଶାସକ ଭାବେ ସୋମବାର ଦାୟିତ୍ୱ ନେଇଛନ୍ତି। ଏନଏସିର କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ । ଏନେଇ ଏକ ବୈଠକ ହୋଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଉମାଶଙ୍କର ସେଠି ସଭାପତିତ୍ୱ କରିଥିଲେ। ଦିଗନ୍ତଙ୍କ କହିବାନୁଯାୟୀ, ୨୦୦୬ ରୁ ୧୧ ମାସ ଧରି କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ଦାୟିତ୍ୱରେ ଥିଲି । ଗୋପାଳପୁର ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ରହିଛି । ପର୍ଯ୍ୟଟନ ପାଇଁ ପ୍ରକଳ୍ପ କାର୍ଯ୍ୟ ଚାଲିଛି । ଏହାକୁ ଆଗକୁ ବହୁ ଆକର୍ଷଣୀୟ କରାଯିବ । ପାର୍କର ଖୁବଶିଘ୍ର କାର୍ଯ୍ୟ ସମ୍ପନ୍ନ ହେବ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବେଳାଭୂମି ମହୋତ୍ସବକୁ ଆକର୍ଷିତ କରାଯିବ । ଗୋପାଳପୁର ଏନ୍‌ଏସିର ସମସ୍ୟା ଖୁବଶିଘ୍ର ସମାଧାନ କରାଯିବ।

### ଶିଡିରୁ ଖସି ନାବାଳକ ମୃତ

**ବ୍ରହ୍ମପୁର ଅଫିସ,୧।୧୦:** ଘର ଶିଡି ଚଢ଼ିଲା ବେଳେ ଖସିଯାଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ଘଟଣା ଘଟିଛି ଗଞ୍ଜାମ ଜିଲା ବୁଗୁଡା ଥାନା ପଙ୍କଲବାଡି ଗ୍ରାମରେ । ମୃତକ ହେଲେ ଟିକରପଡା ଗ୍ରାମର ଭୂଷଣ ବିଷୋୟୀଙ୍କ ପୁଅ ନିରଞ୍ଜନ (୧୨)। ନିରଞ୍ଜନ ଟିକରପଡା ଗ୍ରାମ ନିକଟରେ ଥିବା ପଙ୍କଲବାଡି ଗ୍ରାମକୁ ରବିବାର ସନ୍ଧ୍ୟାରେ ଟ୍ୟୁସନ ହେବା ପାଇଁ ଯାଇଥିଲେ । ଟ୍ୟୁସନ ସ୍ଥଳକୁ ଯିବା ପାଇଁ ଶିଡି ଚଢିବା ବେଳେ ଅସାବଧାନତା ହେତୁ ତଳକୁ ଗୋଡ ଖସିଯିବାରୁ ନିରଞ୍ଜନଙ୍କ ମୁଣ୍ଡ ଫାଟିଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ପରିବାର ବର୍ଗ ରବିବାର ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଶୁ ଚିକିତ୍ସା କରିବା ପରେ ସୋମବାର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ବୈଦ୍ୟନାଥପୁର ଥାନାରେ ନଂ. ୪୯୦/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

### ଏନ୍‌ସିସି କ୍ୟାଡେଟଙ୍କ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୧।୧୦:** ପ୍ରଥମ ଓଡିଶା କମ୍ପୋଜିଟ ଟେକ୍ନିକାଲ କମ୍ପାନୀ ଏନସିସି ଆନୁକୂଲ୍ୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ସୋମବାର ୟୁସିପି ଇଞ୍ଜିନିୟରିଂ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୨୦ କ୍ୟାଡେଟ ଅଂଶଗ୍ରହଣ କରି ଘର, ଅନୁଷ୍ଠାନ ଓ ପରିବେଶ ସ୍ୱଚ୍ଛ ରଖିବା ଓ ଅନ୍ୟମାନଙ୍କୁ ଏ ଦିଗରେ ସଚେତନ କରାଇବାକୁ ଶପଥ ନେଇଥିଲେ । ଏହି ଅବସରରେ ଏନ୍‌ସିସି କ୍ୟାଡେଟମାନଙ୍କୁ ନେଇ ଏକ ଶୋଭାଯାତ୍ରା ସ୍କୁଲରୁ ବାହାରି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଅଲେଖ ନଗର, ଇଞ୍ଜିନିୟରିଂ ସ୍କୁଲ ପଛପାଖ ସମସ୍ତ ଗଳି ପରିକ୍ରମା କରି କ୍ୟାଡେଟମାନେ ଅଞ୍ଚଳବାସୀଙ୍କୁ ସ୍ୱଚ୍ଛ ପରିବେଶର ଆବଶ୍ୟକତା ନେଇ ସଚେତନ କରାଇଥିଲେ ।

# ବିଏମ୍‌ସି ପ୍ରଶାସକ ଦାୟିତ୍ୱ ନେଲେ ଜିଲାପାଳ

## ୬୯ ବର୍ଷରେ ୨୪ ଆଇଏଏସ୍ ଅଫିସର ପ୍ରଶାସକ

**ବ୍ରହ୍ମପୁର ଅଫିସ,୧।୧୦**

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପ୍ରଶାସକ ଭାବେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି ।
ସୂଚନାଯୋଗ୍ୟ, ନିଗମର ନିର୍ବାଚିତ ମେୟର ଓ କର୍ପୋରେଟରଙ୍କ ୫ ବର୍ଷ କାର୍ଯ୍ୟକାଳ ଗତ ରବିବାର ଶେଷ ହୋଇଛି। ବିଭିନ୍ନ କାରଣରୁ ପୌର ନିର୍ବାଚନ ବନ୍ଦ ହୋଇଥିବାରୁ ପରିଚାଳନା ଦାୟିତ୍ୱ ସରକାରଙ୍କ ହାତକୁ ଯାଇଛି। ପୁରାତନ ବ୍ରହ୍ମପୁର ପୌରସଂସ୍ଥା ମ୍ୟୁନିସିପାଲ କର୍ପୋରେଶନରେ ପରିଣତ ହେବା ପରେ ପ୍ରଥମ କରି ପ୍ରଶାସକ ଦାୟିତ୍ୱ ନେଇଛନ୍ତି। ଜିଲାପାଳଙ୍କୁ ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ସମେତ ଅନ୍ୟ ଅଧିକାରୀ, ଇଞ୍ଜିନିୟର ଓ କର୍ମଚାରୀମାନେ ସ୍ୱାଗତ ଜଣାଇଥିଲେ ।



ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବିଏମ୍‌ସି ପ୍ରଶାସକ ଦାୟିତ୍ୱ ଗ୍ରହଣ ବେଳେ ଉପସ୍ଥିତ ବିଏମସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ।

ବିଏମ୍‌ସି ତଥ୍ୟ ଅନୁଯାୟୀ, ୧୫୧ ବର୍ଷର ବ୍ରହ୍ମପୁର ପୌରସଂସ୍ଥା ୨୦୦୯ ଡିସେମ୍ବର ଶେଷରେ ମହାନଗର ନିଗମରେ ପରିଣତ ହୋଇଥିଲା । ସମ୍ପୂର୍ଣ୍ଣ ତଥ୍ୟ ନ ଥିଲେ ସୁଦ୍ଧା ୧୯୪୯ ସେପ୍ଟେମ୍ବର ୨୬ ରୁ ୨୦୦୩ ଅକ୍ଟୋବର ୭ ମଧ୍ୟରେ ସମୁଦାୟ ୪୭ ପରିଷଦ ଗଠନ ହୋଇଛି । ତନ୍ମଧ୍ୟରୁ ୨୪ ଜଣ ନଗରପାଳ ଭାବେ ଦାୟିତ୍ୱ ସମ୍ଭାଳିଥିବା ବେଳେ ୨୩ ଆଇଏଏସ୍ ଅଫିସର ତଥା ଗଞ୍ଜାମ ଜିଲାପାଳମାନେ ପ୍ରଶାସକ ଭାବେ ନିଯୁକ୍ତି ପାଇଥିଲେ। ଆଇଏଏସ୍ ଅଧିକାରୀ କେ. ରାମମୂର୍ତ୍ତି ୧୯୪୯ ସେପ୍ଟେମ୍ବର ୨୬ରୁ ୧୯୫୧ ଜୁଲାଇ ୧୮ ପର୍ଯ୍ୟନ୍ତ ପୌରସଂସ୍ଥାର ପ୍ରଶାସକ ହୋଇଥିଲେ । ବିଭିନ୍ନ ସମୟରେ ଡି.ଡି. ସୁରୀ, ବି. ରାମ ଦୋରାଇ, ବି. ତ୍ରିପାଠୀ, ରାମଚନ୍ଦ୍ର ପାତ୍ର, ଏଫଏ ମୋଜେସ, ଡି.ପି. ବାଗଚୀ, ରାଇମୋହନ ଦାସ, ସୁଶ୍ରୀ ରାଜଲକ୍ଷ୍ମୀ, ଅକ୍ଷୟ କୁମାର ଦାସ, ଆରଏନ ମହାନ୍ତି, ଅରବିନ୍ଦ ବେହେରା, ରଙ୍ଗଲାଲ ଜାମୁଡ଼ା ଓ ୟୁ.ଏନ୍. ବେହେରା ପୌରସଂସ୍ଥା ପ୍ରଶାସକ ହୋଇଥିଲେ। ସେହିପରି ତାରା ଦତ୍ତ, ଜଗଦାନନ୍ଦ ପଣ୍ଡା, ମକରଧ୍ୱଜ ହୋତା, ଜାଗର ସିଂ, ବି.କେ. ଦାସ, ଏସ୍.କେ. ଶତପଥୀ, ଜି. ମାଥିଭାଥାନନ ଓ ପୌରସଂସ୍ଥାର ଶେଷ ପ୍ରଶାସକ ହୋଇଥିଲେ ସଞ୍ଜୀବ କୁମାର ମିଶ୍ର । ୨୦୦୩ ପୌର ନିର୍ବାଚନରେ ପ୍ରଥମ ମହିଳା ନଗରପାଳ ଭାବେ ସୁଲୋଚନା ସ୍ୱାଇଁ ନିର୍ବାଚିତ ହୋଇ ୨୦୦୮ ପର୍ଯ୍ୟନ୍ତ ୫ ବର୍ଷ ଦାୟିତ୍ୱରେ ଥିଲେ । ୨୦୦୮ରୁ ୨୦୧୩ ପୌର ନିର୍ବାଚନ ପର୍ଯ୍ୟନ୍ତ ପ୍ରଥମେ ନଗରପାଳ ଓ ପରେ ମେୟର ହୋଇଥିଲେ ଶିବ ଶଙ୍କର ଦାସ । ୨୦୧୩ରୁ ୨୦୧୮ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ପ୍ରଥମ ମହିଳା ମେୟର କେ. ମାଧବୀ ପୂରା ୫ ବର୍ଷ କାର୍ଯ୍ୟ କରିଥିଲେ । ତାଙ୍କ ଅବଧି ଶେଷ ହେବା ପରେ ଗଞ୍ଜାମ ଜିଲାପାଳ କୁଲାଙ୍ଗେ ପ୍ରଶାସକ ଭାବେ ଅବସ୍ଥାପିତ ହୋଇଛନ୍ତି।



ବ୍ରହ୍ମପୁର ଦେଇ ଯାଇଥିବା ଏନଏଚ-୫୯ର ଶ୍ରୀରାମ ନଗର ଛକ ଖାଲଖମାରେ ଭର୍ତ୍ତି ହୋଇଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନନାହାନ୍ତି । (ଫଟୋ –ସମୀର)

# ଡିସେମ୍ବର ୧୫ରୁ ଗଞ୍ଜାମ ଜିଲା ପୁସ୍ତକମେଳା

**ବ୍ରହ୍ମପୁର ଅଫିସ,୧।୧୦**

ତ୍ରୟୋଦଶ ଗଞ୍ଜାମ ଜିଲା ପୁସ୍ତକ ମେଳା ଡିସେମ୍ବର ୧୫ରୁ ଆରମ୍ଭ ହେବ । ସ୍ଥାନୀୟ ଗୋସାଣୀ ନୂଆଗାଁସ୍ଥ କେସି ହାଇସ୍କୁଲ ଖେଳ ପଡ଼ିଆରେ ମେଳା ସେହି ମାସ ୨୫ ପର୍ଯ୍ୟନ୍ତ ଚାଲିବ। ପୁସ୍ତକ ମେଳା ସମିତି ବୈଠକ ସଭାପତି ଅଲେଖ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ନିଷ୍ପତ୍ତି ନିଆଯାଇ ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା । ମେଳା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟାରେ କଳା, ସଂସ୍କୃତି, ଶିକ୍ଷା, ଐତିହ୍ୟ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହେବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୁସ୍ତକମେଳା ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହେବାକୁ ନିଷ୍ପତ୍ତି ନିଆଯାଇଛି । ସମିତି ପ୍ରସ୍ତୁତି ବୈଠକରେ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ସମେତ ଡ଼ା. ଚନ୍ଦ୍ରମଣି ସ୍ୱାଇଁ, ଡ଼. ଲମ୍ବୋଦର ପାଣିଗ୍ରାହୀ, ଡ଼. ସଞ୍ଜୟ କୁମାର ପଣ୍ଡା, କୃଷ୍ଣଚନ୍ଦ୍ର ଦାସ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ଦେବୀ ପ୍ରସାଦ ସାହୁ ଏବଂ ଅନ୍ୟମାନେ ଯୋଗ ଦେଇଥିଲେ। ମେଳା ସାଧାରଣ ସମ୍ପାଦକ ଭବାନୀ ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି ।

# ସିଡିଏମ୍‌ଓଙ୍କୁ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଦାବିପତ୍ର

**ବ୍ରହ୍ମପୁର ଅଫିସ,୧।୧୦**

ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନଏଚଏମ୍) ଅଧୀନରେ କଣ୍ଟ୍ରାକ୍ଟୁଆଲରେ ଚାକିରି କରୁଥିବା ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ଓ ସମାନ କାମକୁ ସମାନ ଦରମା ଦାବି ହୋଇଛି । ଏନେଇ ସୋମବାର ଗଞ୍ଜାମ ଜିଲା ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସିଡିଏମ୍‌ଓ ଡା. ସଦାନନ୍ଦ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା । ଏନଏଚଏମ୍ ଅଧୀନରେ ଥିବା ମୋବାଇଲ ହେଲ୍‌ଥ ୟୁନିଟ, ପୁଷ୍ଟିକର ସାଧାନ କେନ୍ଦ୍ର, ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଉପକେନ୍ଦ୍ର ସମେତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କଣ୍ଟ୍ରାକଟୁଆଲ ଭାବେ ବହୁ ସ୍ୱାସ୍ଥ୍ୟ କର୍ମୀ କାର୍ଯ୍ୟ କରୁଛନ୍ତି । ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିଲେ ମଧ ସେମାନଙ୍କୁ ନିୟମିତ କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସମସ୍ତ କଣ୍ଟ୍ରାକଟୁଆଲ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କୁ ନିୟମିତ କରିବା ସହ ପେନ୍‌ସନ ପ୍ରଦାନ ଓ ସମାନ କାମକୁ ସମାନ ଦରମା, ଘରଭଡା ପ୍ରଦାନ କରାଯିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି । ଦାବିପତ୍ର ପ୍ରଦାନ ବେଳେ କଣ୍ଟ୍ରାକଟୁଆଲ ମହିଳା ସ୍ୱାସ୍ଥ୍ୟ କର୍ମୀ ସଂଘ ସଭାପତି ସଙ୍ଗୀତା ତ୍ରିପାଠୀ ଓ ସମ୍ପାଦକ ଇତିଶ୍ରୀ ବେହେରାଙ୍କ ସମେତ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ଆଲୋକ



@ ହିମାଂଶୁ



@ ସାଗର

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ବୃକ୍ଷ କ୍ଷତ ଚିକିତ୍ସା ଆରମ୍ଭ କଲେ ସବୁଜବାହିନୀ

**ବ୍ରହ୍ମପୁର ଅଫିସ, ୧।୧୦**

ବ୍ରହ୍ମପୁର ସବୁଜ ବାହିନୀ ଓ ବ୍ରହ୍ମପୁର ବନଖଣ୍ଡ ମିଳିତ ଆନୁକୁଲ୍ୟରେ ଜୈବିକ ପଦ୍ଧତିରେ କ୍ଷତାକ୍ତ ବୃକ୍ଷର ଚିକିତ୍ସା ଆରମ୍ଭ ହୋଇଛି । ସହରରେ ଥିବା କେତେକ ବୃକ୍ଷରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କଣ୍ଟା ପିଟି ବିଜ୍ଞାପନ ଲଗାଯାଇଥିଲା। ଗତ ସପ୍ତାହରେ ସବୁଜବାହିନୀ ପକ୍ଷରୁ ବୃକ୍ଷରୁ ଉକ୍ତ କଣ୍ଟାଗୁଡିକୁ ବାହାର କରାଯାଇଥିଲା। ଗାନ୍ଧୀନଗର ମୁଖ୍ୟରାସ୍ତା, ବିଜିପୁର ମୁଖ୍ୟରାସ୍ତା, ରାମଲିଙ୍ଗମ ଟେମ୍ପୁଲରୋଡ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ପଥ ପାର୍ଶ୍ୱରେ ଥିବା ପ୍ରାୟ ୨୦୪ଟି ବୃକ୍ଷରୁ ୫୧୧ କଣ୍ଟା ବାହାର କରାଯାଇଥିଲା । ସୋମବାର ଗାନ୍ଧୀନଗର ମୁଖ୍ୟରାସ୍ତାଠାରୁ ବିଜିପୁର ବନ୍ଧ ମଧ୍ୟରେ କଣ୍ଟା ବାହାର କରାଯାଇଥିବା ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ବୃକ୍ଷର କ୍ଷତ ସ୍ଥାନରେ ଗୋବର, ମାଟି, ହଳଦୀ ଓ ନିମପତ୍ରର ମିଶ୍ରଣ ପ୍ରଲେପ ଦିଆଯାଇଛି। ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ଡିଏଫଓ ଆଶିଷ କୁମାର ବେହେରା, ବିଡିଏ ଅଧକ୍ଷ ସୁବାସ ମହାରଣା ଯୋଗଦେଇ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ବରିଷ୍ଠ ଉଦ୍ଭିଦ ବିଜ୍ଞାନୀ ପ୍ରଫେସର ବ୍ରହ୍ମା ବିହାରୀ ପଣ୍ଡା, ପ୍ରଫେସର ସଚ୍ଚିଦାନନ୍ଦ ପାଢୀ, ଢେଙ୍କାନାଳ ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ ଭଗବାନ ଦାଶ ଏଥିରେ ଯୋଗଦେଇଥିଲେ । ସପ୍ତାହକ ମଧ୍ୟରେ ସମସ୍ତ ବୃକ୍ଷର କ୍ଷତସ୍ଥାନରେ ପ୍ରଲେପ ଲଗାଯିବ ବୋଲି ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର, ବିଜେନ୍ଦ୍ର ମାଝି, ସୁନୀଲ ପାତ୍ର, ସବୁଜ ବାହିନୀର ସମ୍ପାଦକ ଏମ ଦିଲୀପ କୁମାର , ଶିବରାମ ବେହେରା, ସନିଆ ଗୌଡ, ଏ. ପ୍ରକାଶ କୁମାର, ପି. ଅରବିନ୍ଦ ଦେଶୀବେହେରା, ବନମାଳୀ ପ୍ରଧାନ, ସୋନୁ ମହାପାତ୍ର, ରବୀନ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



ସ୍ବେଚ୍ଛାସେବୀମାନେ ବୃକ୍ଷର କ୍ଷତ ସ୍ଥାନରେ ପ୍ରଲେପ ଦେଉଛନ୍ତି ।

## ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟଯାତ୍ରା

# ଜେରିଆଟ୍ରିକ୍ ବିଭାଗ ଖୋଲିବାକୁ ଦାବି

**ବ୍ରହ୍ମପୁର ଅଫିସ,୧।୧୦**

ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ଏମ୍‌କେସିଜି ମେଡିକାଲ କଲେଜ ସମ୍ମୁଖରେ ୬୨ତମ ଘଣ୍ଟଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନାଗରିକ ଦିବସରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କକ୍ଷ ତଥା ଜେରିଆଟ୍ରିକ୍ ବିଭାଗ ଖୋଲାଯିବା ଦାବି କରି ଅଧୀକ୍ଷକ ପ୍ରଫେସର ଡାକ୍ତର ଚରଣ ପଣ୍ଡାଙ୍କୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପ୍ରଦତ୍ତ ସ୍ମାରକ ପତ୍ରରେ, ଉଭୟ ଅନ୍ତଃ ଏବଂ ବହିଃ ବିଭାଗରେ ବରିଷ୍ଠ ନାଗରିକମାନେ ପଞ୍ଜୀକରଣଠାରୁ ଆରମ୍ଭ କରି ପରୀକ୍ଷା ନିରୀକ୍ଷା ତଥା ଚିକିତ୍ସା ଏବଂ ଔଷଧ ଆଣିବା ପାଇଁ ଲମ୍ବା ଧାଡି ବାନ୍ଧି ଘଣ୍ଟା ଘଣ୍ଟା କାଳ ଛିଡା ହୋଇ ଅସୁସ୍ଥ ହୋଇଯାଉଛନ୍ତି । ଏଣୁ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଜେରିଆଟ୍ରିକ୍ ବିଭାଗ ଉଭୟ ଅନ୍ତଃ ଏବଂ ବହିଃ ବିଭାଗରେ ଖୋଲାଯିବା ସହିତ ଆଉଟଡୋର୍ ଟିକଟ ଘର, ନିରାମୟ ଔଷଧ କେନ୍ଦ୍ର, ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଓ ରେଡିଓଲୋଜି ବିଭାଗରେ ଏମ୍‌ଆରଆଇ, ସିଟି ସ୍କାନ୍, ଡିଜିଟାଲ ଏକ୍ସ-ରେ, ଅଲଟ୍ରା ସାଉଣ୍ଡ ଆଦିରେ ବରିଷ୍ଠ ନାଗରିକଙ୍କୁ ପ୍ରଥମେ ପ୍ରାଧାନ୍ୟ ଦେବାର ବ୍ୟବସ୍ଥା କରିବା ନେଇ ଦର୍ଶାଯାଇଛି । ପ୍ରକାଶଯେ, ଏମ୍‌କେସିଜି ମେଡିକାଲ ଦକ୍ଷିଣ ଓଡିଶାର ଏକ ମୁଖ୍ୟ ହସ୍‌ପିଟାଲ ହୋଇଥିବା ବେଳେ ଦୈନିକ ଶତାଧିକ ରୋଗୀ ଏଠାକୁ ଆସୁଛନ୍ତି । ଅଧିକାଂଶ ବରିଷ୍ଠ ନାଗରିକ ଗୁରୁତର ଅସୁସ୍ଥ ହୋଇ ଏଠାକୁ ଚିକିତ୍ସା ଆଶା ରଖି ଆସୁଥିବା ବେଳେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବାରୁ ବିଭିନ୍ନ ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ମଞ୍ଚ ସଂଯୋଜକ ଅବନୀ କୁମାର ଗୟାଙ୍କ ନେତୃତ୍ୱରେ ଅନୁଷ୍ଠିତ ଘଣ୍ଟ ଯାତ୍ରାରେ ପ୍ରଭାତ ନାହାକ, ନୀଳାଞ୍ଚଳ ନନ୍ଦ, ପୂର୍ଣ୍ଣଚନ୍ଦ୍ର ମହାରଣା, ପଦ୍ମଲୋଚନ ମହାପାତ୍ର, ବିଜୟ ଚନ୍ଦ୍ର ବିଷୋୟୀ, ମାଗୁଣୀ ନାହାକ, ବଂଶୀଧର ଭୂୟାଁ ପ୍ରମୁଖ ସାମିଲ ହୋଇଥିଲେ । ଏନେଇ ଏମ୍‌କେସିଜି ମେଡିକାଲ କଲେଜ ଅଧୀକ୍ଷକ ଡାକ୍ତର ଚରଣ ପଣ୍ଡାଙ୍କୁ ପଚାରିବାରୁ କହିଛନ୍ତି ଯେ, ବରିଷ୍ଠ ନାଗରିକଙ୍କ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ଜେରିଆଟ୍ରିକ୍ ବିଭାଗ ଖୋଲାଯିବା ନେଇ ପଦକ୍ଷେପ ଗ୍ରହଣ କରାଯିବ ।




ଏମକେସିଜି ମେଡିକାଲ କଲେଜ ସମ୍ମୁଖରେ ମାନ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟ ଯାତ୍ରା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ଅକ୍ଟୋବର ୨/୨୦୧୮ Berhampur, Tuesday, October, 2/ 2018

# ଧାମନଗର କଲେଜରେ ସାଇନ-ଏ-ଡାଏ ଘୋଷଣା

ଧାମନଗର,୧।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର କଲେଜରେ ନିର୍ବାଚନୀ ପ୍ରସ୍ତୁତି ବୈଠକ ସମୟରେ କଲେଜ ବାହାରେ ଛାତ୍ର ଓ ଅଣଛାତ୍ରଙ୍କ ଦ୍ୱାରା ବୋମାମାଡ଼, ଭଙ୍ଗାରୁଜା ଯୋଗୁ କର୍ତ୍ତୃପକ୍ଷ ସାଇନ-ଏ-ଡାଏ ଘୋଷଣା କରିଛନ୍ତି। ଗଣ୍ଡଗୋଳ ଯୋଗୁ ଏହି କଲେଜରେ ନିର୍ବାଚନ ବାତିଲ କରାଯାଇଛି। ସୋମବାର କଲେଜ ପରିସରରେ ଅଧ୍ୟକ୍ଷ ସୁରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଛାତ୍ରସଂସଦ ନିର୍ବାଚନ ପାଇଁ ପ୍ରସ୍ତୁତି ବୈଠକ ଆରମ୍ଭ ହୋଇଥିଲା। ଏହି ସମୟରେ କେତେଜଣ ଛାତ୍ର ଏବଂ ଅଣଛାତ୍ର ନେତା କଲେଜ ପରିସରରେ ପଶି ହୋହଲ୍ଲା କରିଥିଲେ। ଏଥିସହ କଲେଜ ବାହାରେ ୨ଟି ବୋମା ବିସ୍ଫୋରଣ କରିଥିଲେ। କଲେଜ ପରିସରରେ ଭଙ୍ଗାରୁଜା କରିବା ସହ ସେମାନେ ନିର୍ବାଚନକୁ ବିରୋଧ କରିଥିଲେ। ନିର୍ବାଚନ ଦ୍ୱାରା କଲେଜରେ ଅଶାନ୍ତ ବାତାବରଣ ସୃଷ୍ଟି, ଶୈକ୍ଷିକ ପରିବେଶ ନଷ୍ଟ ହେଉଛି ବୋଲି କହି ନିର୍ବାଚନ ବନ୍ଦ ପାଇଁ ଦାବି କରିଥିଲେ। ନିର୍ବାଚନ ହେଲେ କଲେଜରେ ଭୟଙ୍କର ପରିସ୍ଥିତି ସୃଷ୍ଟି ପାଇଁ ଅଧ୍ୟକ୍ଷ ଦାୟୀ ରହିବେ ବୋଲି ସେମାନେ ଚେତାବନୀ ଦେଇଥିଲେ। ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ଧାମନଗର ଥାନାକୁ ଫୋନ କଲ୍ କରି ଜଣାଇଥିଲେ। ଧାମନଗର ଥାନା ପୋଲିସ ପହଞ୍ଚି ଅଧ୍ୟକ୍ଷଙ୍କ ସମେତ ଉପସ୍ଥିତ କର୍ମଚାରୀଙ୍କୁ ଉଦ୍ଧାର କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଅଧ୍ୟକ୍ଷ ପଣ୍ଡା ବାଧହୋଇ ସାଇନ-ଏ-ଡାଏ ଘୋଷଣା କରିଥିଲେ। ପରେ ଅଧ୍ୟକ୍ଷ ପଣ୍ଡା ଏନେଇ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଧିକ ଗଣ୍ଡଗୋଳ ଆଶଙ୍କାରେ ଧାମନଗର ଥାନା ପକ୍ଷରୁ କଲେଜ ପରିସରରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଉଲ୍ଲେଖନୀୟ ଯେ, ଧାମନଗର କଲେଜରେ ଗତ ୫ ବର୍ଷ ଧରି ଛାତ୍ରସଂସଦ ନିର୍ବାଚନ ବିଭିନ୍ନ କାରଣରୁ ହୋଇପାରୁ ନ ଥିଲା।


ଧାମନଗର କଲେଜରେ ପୋଲିସ ମୁତୟନ ରହିଛନ୍ତି।

- ନିର୍ବାଚନୀ ପ୍ରସ୍ତୁତି ବୈଠକ ବେଳେ ଉତ୍ତେଜନା
- କଲେଜ ପରିସରରେ ପୋଲିସ ମୁତୟନ

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

ରୂପ୍‌ସା, ୧।୧୦(ଡି.ଏନ.ଏ.):

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ପାଣ୍ଡି ଅନ୍ତର୍ଗତ ବୁଆଁଳ ଗ୍ରାମର ଯୁବକ ଶରତ କୁମାର ପଣ୍ଡାଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ଫେରାର ଥିବା ତପନ କୁମାର ପାତ୍ରଙ୍କୁ ପୋଲିସ ସୋମବାର ଗିରଫ କରିଛି। ଗତ ସେପ୍ଟେମ୍ବର ୧୫ ତାରିଖ ରାତିରେ ଶରତ ଗାଁ ରାସ୍ତାରେ ଯାଉଥିବା ବେଳେ ପାରିକୁଳ ଗ୍ରାମର ଟୁଟୁ ମହାପାତ୍ର ଓ ବିକାଶ ପରିଡ଼ା, ତପନ ପାତ୍ର ମିଶି ଅତର୍କିତ ଆକ୍ରମଣ କରିଥିଲେ। ଶରତଙ୍କୁ ଆକ୍ରମଣ କରିବା ସହ ସ୍ଥାନୀୟ ପୋଖରୀରେ ବୁଡ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ। ଏ ସଂକ୍ରାନ୍ତରେ ସ୍ଥାନୀୟ ଥାନାରେ ଏକ ମାମଲା (ନଂ. ୨୬୯/୧୮) ରୁଜୁ କରି ପୋଲିସ ୨ ଅଭିଯୁକ୍ତ ଟୁଟୁ ମହାପାତ୍ର ଓ ବିକାଶ ପରିଡ଼ାଙ୍କୁ ଗିରଫ କରିଥିଲା। ସେହିଦିନ ଠାରୁ ତପନ ଫେରାର ହୋଇଯାଇଥିଲେ। ଘରେ ଥିବା ଖବର ପାଇ ଫାଣ୍ଡି ଅଧିକାରୀ ବଦ୍ରି ଶଙ୍କର ଷଣ୍ଢ ସଦଳବଳେ ଚଢ଼ାଉ କରି ଅଭିଯୁକ୍ତ ତପନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

### ଚଢ଼ା ଦରରେ କିରୋସିନ ବିକ୍ରି ଅଭିଯୋଗ

ବନ୍ତ,୧।୧୦(ସ୍ୱ.ପ୍ର.): ଭଦ୍ରକ ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତରେ ପିଡିଏସ୍ କିରୋସିନ ଚଢ଼ା ଦରରେ ବିକ୍ରି ହେଉଥିବା ନେଇ ହିତାଧିକାରୀମାନେ ସୋମବାର ଜିଲାପାଳ ଓ ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। କିରୋସିନର ସରକାରୀ ମୂଲ୍ୟ ଲିଟର ପ୍ରତି ୨୪ ଟଙ୍କା ୩୭ ପଇସା ଥିବାବେଳେ ସେମାନଙ୍କଠାରୁ ୨୮ ଟଙ୍କା ନିଆଯାଉଛି। ଏହାକୁ ବିରୋଧ କରି ରାମନାରାୟଣ ଦାସ, ସୀମା ସେଠୀ, ବିଷ୍ଣୁ ଜେନା, ମନମୋହନ ପରିଡା, ଚନ୍ଦ୍ରମଣି ସାହୁ, ଶୁଭସ୍ମିତା ନାୟକ, ସୀତା ପରିଡା, ପ୍ରଫୁଲ୍ଲ ଜେନା, ତପୁ ରାଉତ, ରବୀନ୍ଦ୍ର ଦାସ, ଘନଶ୍ୟାମ ପରିଡ଼ାଙ୍କ ସମେତ ବହୁ ହିତାଧିକାରୀ ଜିଲାପାଳ ଓ ବିଡିଓଙ୍କୁ ଭେଟି ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।

# ମଦ ବିକ୍ରିକୁ ବିରୋଧ କରିବାରୁ ମହିଳା ସଂଘ ମୁଖ୍ୟଙ୍କୁ ଧମକ

ପୁରୁଷୋତ୍ତମପୁର, ୧।୧୦ (ଡି.ଏନ୍.ଏ.)

ପୁରୁଷୋତ୍ତମପୁର ଥାନା ତଥା ବେଗୁନିଆପଡ଼ା ବ୍ଲକ ଦିଗାପଡ଼ା ପଞ୍ଚାୟତ ରେଙ୍ଗୁଡ଼ିପଲୀ ଗ୍ରାମର ଆଞ୍ଚଳିକ ମହିଳା ସଂଘର ମୁଖ୍ୟ ଗୀତା ସେଠୀଙ୍କୁ ସେହି ଗ୍ରାମର ଜଣେ ମଦ ମାଫିଆ ଗାଳିଗୁଲଜ କରିବା ସହ ଧମକ ଦେଇଛନ୍ତି। ଏହା ପ୍ରତିବାଦରେ ଶତାଧିକ ମହିଳା ସୋମବାର ସନ୍ଧ୍ୟାରେ ପୁରୁଷୋତ୍ତମପୁର ଥାନାକୁ ଆସି ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି। ପୋଲିସ ସେମାନଙ୍କୁ ବୁଝାଶୁଝା କରି ଅଭିଯୁକ୍ତଙ୍କୁ ଗିରଫ୍ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ମହିଳାମାନେ ଶାନ୍ତ ପଡିଛନ୍ତି। ମହିଳାମାନେ କହିଛନ୍ତି ଯେ, ଗ୍ରାମରେ ବ୍ୟାପକ ମଦ ବିକ୍ରି ଚାଲିଛି। ମଦ୍ୟପମାନଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ମଦବିକ୍ରି ବନ୍ଦ କରିବା ଲାଗି ମହିଳା ସଂଘ ପକ୍ଷରୁ ନିଷ୍ପତ୍ତି ନେଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏଥିରେ ଗ୍ରାମବାସୀ ସମ୍ମତି ପ୍ରକାଶ କରିଥିଲେ। ଫଳରେ ମଦବିକ୍ରି କରୁଥିବା ଗ୍ରାମର ୫ଜଣ ବ୍ୟକ୍ତିଙ୍କ ନିକଟକୁ ଯାଇ ମହିଳାମାନେ ମଦ ବିକ୍ରି ବନ୍ଦ କରିବାକୁ କହିବା ବେଳେ ସେମାନେ ମହିଳା ସଂଘର ନିଷ୍ପତ୍ତି ସମର୍ଥନ କରି ବିକ୍ରି ନକରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଜଣେ ବ୍ୟବସାୟୀ ଉତ୍କ୍ଷିପ୍ତ ହୋଇ ମହିଳାମାନଙ୍କୁ ଗାଳିଗୁଲଜ କରିବା ସହ ମହିଳା ସଂଘ ମୁଖ୍ୟଙ୍କୁ ଧମକ ଦେଇଥିଲେ।

## କନ୍ଧୁଣୀଦେବୀ ମହୋତ୍ସବ ଉଦ୍‌ଯାପିତ

# ଆଜି କଣ୍ଟାପିଢ଼ା ଯାତ୍ରାର ଶେଷଦିନ


ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ସୋରଡ଼ା, ୧।୧୦ (ଡି.ଏନ୍.ଏ)

ସୋରଡ଼ାରେ ପ୍ରସିଦ୍ଧ କନ୍ଧୁଣୀଦେବୀ ମହୋତ୍ସବ ସୋମବାର ସଭାପତି ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆସିକା ଏମ୍‌ପି ଲଡୁ କିଶୋର ସ୍ୱାଇଁ ମୁଖ୍ୟଅତିଥି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ସମ୍ମାନିତ ଅତିଥି, ବ୍ଲକ ଅଧ୍ୟକ୍ଷା ସାଇବାଣୀ ମଲିକ, ଉପାଧ୍ୟକ୍ଷ ବିକଳ ବେହେରା, ଏନ୍‌ଏସି ଅଧ୍ୟକ୍ଷା ସଂଘମିତ୍ରା ସ୍ୱାଇଁ, ସମ୍ପାଦକ ଦୁର୍ଗଚରଣ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ରଥପଦାଠାରେ ଅସ୍ଥାୟୀ ମଣ୍ଡପରେ ଗତ ଶୁକ୍ରବାର ଆରମ୍ଭ ହୋଇଥିବା ବିଭିନ୍ନ ସନ୍ଧ୍ୟାରେ ରାଜ୍ୟ ତଥା ରାଜ୍ୟବାହାରୁ ଆସିଥିବା କଳାକାରମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମନଭରୀ ଉପଭୋଗ କରିଥିଲେ। ମାନସିକ ବେଶଧାରୀମାନଙ୍କ ନଗର ଭ୍ରମଣ, ବିଭିନ୍ନ ସାହିର ଯୋଗାଡ଼ ଶୋଭାଯାତ୍ରାରେ ମଙ୍ଗଳବାର ସହରର ସମସ୍ତ ଗଳିକନ୍ଦିରେ ଭିଡ଼ ଜମିଥିଲା। ଅପରାହ୍ନ ୩ଟାରୁ ରାମଦୋଳି, ମୀନାବଜାର, ବଡ଼ଦାଣ୍ଡର ପଲିଶ୍ରୀ ମେଳାରେ ନାହିଁ ନଥିବା ଭିଡ଼ ହୋଇଥିଲା। ମଙ୍ଗଳବାର କଣ୍ଟାପୀଢ଼ା ଯାତ୍ରାର ଉଦ୍‌ଯାପନୀ ଦିବସରେ ମଧ୍ୟାହ୍ନରେ ତହସିଲ୍ କାର୍ଯ୍ୟାଳୟରୁ ପାରମ୍ପରିକ ରାଜଭୋଜ ଶୋଭାଯାତ୍ରା ବାହାରିବା ପରେ କଣ୍ଟାପୀଢ଼ା ଯାତ୍ରାର ଶେଷ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଅପରାହ୍ନରେ ସମାପନ ହେବ। ଏଥିପାଇଁ ସାହିସାରା ପୋଲିସ ମୁତୟନ କରାଯାଇଛି। ମଙ୍ଗଳବାର ରାତିରେ ଅପେରା ଖରାପ ଝିଅର ଗପ ମଞ୍ଚସ୍ଥ ହେବ। ମହୋତ୍ସବ ଶେଷ ସନ୍ଧ୍ୟାରେ ଓଡ଼ିଶୀ, ଦଶାବତାର, ସମ୍ବଲପୁରୀ ନୃତ୍ୟ ପ୍ରଦର୍ଶନ ହୋଇଛି।

## ବରଙ୍ଗ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ପାତ୍ରପୁର,୧।୧୦(ଡି.ଏନ୍.ଏ.):

ପାତ୍ରପୁର ବ୍ଲକ ବରଙ୍ଗ ସ୍କୁଲ ପରିସରରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାତ୍ରପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ଚୌଧୁରୀ, ବରଙ୍ଗ ସରପଞ୍ଚ ଆର୍ ରନ୍ତା କୁମାରୀ, କେଶରିପଡ଼ା ସରପଞ୍ଚ ଡି ଗୋପାଳ, ସିଆରସିସି ଲୋକନାଥ ଦୋରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବରଙ୍ଗ କ୍ଲଷ୍ଟର ମୋଟ ୧୦ ଟି ସ୍କୁଲର ଛାତ୍ରୀଛାତ୍ର ଯୋଗଦେଇଥିବା ବେଳେ ସେମାନଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, ବିତର୍କ, ତର୍କ ସୃଜନ କଳା ଆଦି ପ୍ରତିଯୋଗିତା ହୋଇଥିଲା । କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଅବସରପ୍ରାପ୍ତ କିଛି ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ପାଢୀ ପରିଚାଳନା କରିଥିବାବେଳେ ସୁନୀଲ ସାହୁ, ଜେ ଗଣେଶ, ରମାକାନ୍ତ ବେହେରା, ଏମ୍ ଜଗନ୍ନାଥ ରେଡ୍ଡୀଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହାୟତା କରିଥିଲେ।

# ନୂତନ ରାଶନ କାର୍ଡ ବଣ୍ଟନ ପାଇଁ ପ୍ରସ୍ତୁତି ବୈଠକ

କୁକୁଡ଼ାଖଣ୍ଡି,୧।୧୦(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ବ୍ଲକ ପରିସରରେ ନୂତନ ରାଶନକାର୍ଡ ବଣ୍ଟନ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ଓ ବ୍ଲକ ଯୋଗାଣ ଅଧିକାରୀ ପ୍ରଶାନ୍ତ କୁମାର ରାଓ ମଞ୍ଚାସୀନ ଥିଲେ । ୨୨ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟ, କାର୍ଯ୍ୟନିର୍ବାହୀ ଅଧିକାରୀ, ଯୋଗାଣ ସହାୟକ ଓ ଜିଆର୍‌ଏସ୍‌ମାନେ ଯୋଗ ଦେଇଥିଲେ । ଆସନ୍ତା ଅକ୍ଟୋବର ୪ ରେ ନୂତନ ରାଶନ କାର୍ଡ କିଭଳି ଭାବେ ବଣ୍ଟନ ହେବ ଏବଂ ସମସ୍ତ ହିତାଧିକାରୀଙ୍କୁ ପୂର୍ବରୁ ଏନେଇ ସୂଚନା କିଭଳି ମିଳିବ ବୈଠକରେ ଆଲୋଚନା ହୋଇଥିଲା । ନୂତନ ଭାବେ ସମୁଦାୟ ବ୍ଲକ ପାଇଁ ୨୨୯୦ଟି ରାଶନ କାର୍ଡ ଆସିଛି । ସମବାୟ ତଥା ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ବ୍ଲକ ପରିସରରେ ସମସ୍ତ ହିତାଧିକାରୀମାନଙ୍କୁ ଅକ୍ଟୋବର ୪ରେ ବଣ୍ଟନ କରିବେ ବୋଲି ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

## ବରିଷ୍ଠ ନାଗରିକ ଦିବସ

କୁକୁଡ଼ାଖଣ୍ଡି,୧।୧୦(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ପକ୍ଷରୁ ବରିଷ୍ଠ ନାଗରିକ ଦିବସ ସୋମବାର ପାଳନ କରାଯାଇଛି। କୁକୁଡ଼ାଖଣ୍ଡି ସମେତ ଆଖପାଖ ଗ୍ରାମଗୁଡ଼ିକରୁ ୧ ଶହରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ। ଅକ୍ଟୋବର ୧ରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ଉଦ୍ଦେଶ୍ୟରେ ଏହି ଶିବିର କରାଯାଇଥିବା କୁକୁଡ଼ାଖଣ୍ଡି ଆଇଓବି ବ୍ୟାଙ୍କ ଶାଖା ପରିଚାଳକ ମନୋରଞ୍ଜନ ପ୍ରଧାନ କହିଛନ୍ତି। କୁକୁଡ଼ାଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ ମଧ୍ୟରେ ରହିଥିବା ବୈଠକ ଗୃହରେ ଏହି ଶିବିର ହୋଇଛି । ମୁଖ୍ୟଅତିଥି ଭାବେ ଏହି ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ନିରଞ୍ଜନ ପଣ୍ଡା, କୁକୁଡ଼ାଖଣ୍ଡି ବିଡିଓ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ସାଇ ଚୈତନ୍ୟ ମଠ ସମରଝୋଲରୁ ସଜନ ମହାରାଜ ଆସି ସମସ୍ତ ବରିଷ୍ଠ ନାଗରିକଙ୍କୁ ଶୁଭ କାମନା ଜଣାଇବା ସହ ୮୦ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କ ପାଇଁ ବ୍ୟାଙ୍କକୁ ଆସିଥିବା ନୂତନ ସ୍କିମ ଓ ଅନ୍ୟାନ୍ୟ ବ୍ୟାଙ୍କର ସୁବିଧା ବିଷୟରେ ଅବଗତ କରାଇଥିଲେ । ବ୍ୟାଙ୍କର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ ।




# ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବିପତ୍ର

କନିଷି,୧।୧୦(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ପଞ୍ଚାୟତ ସମିତି ଅଞ୍ଚଳର ବିଭିନ୍ନ ଗ୍ରାମରେ କେତେକ କୃଷିଭିତ୍ତିକ ସମସ୍ୟାକୁ ନେଇ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ସୋମବାର କନିଷି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ସେମାନେ ପତ୍ରରେ ଉଲ୍ଲେଖ କରିଛନ୍ତି ରଙ୍ଗେଇଲୁଣ୍ଡା ବ୍ଲକର ୩୨ଟି ପଞ୍ଚାୟତରେ ସରକାରୀ କୃଷି ଅଧିକାରୀ କିମ୍ବା ଗ୍ରାମସେବକ କୌଣସି ଗ୍ରାମକୁ ଯାଉନାହାନ୍ତି । ଫଳରେ ଚାଷୀଙ୍କ ପାଖରେ ଉପଯୁକ୍ତ ଜ୍ଞାନକୌଶଳ ପହଞ୍ଚି ପାରୁନାହିଁ କିମ୍ବା ରୋଗପୋକ ପାଇଁ ଚାଷୀ କୌଣସି ଉପଦେଶ ପାଇପାରୁନାହାନ୍ତି । କୃଷି ଅଧିକାରୀମାନେ ସପ୍ତାହକୁ ଥରେ ପ୍ରତ୍ୟେକ ଗ୍ରାମକୁ ଯାଇ ବୁଲନ୍ତୁ । ବର୍ତ୍ତମାନ ଧାନ ଫସଲରେ ରୋଗ ଓ ପୋକ ଲାଗି ଗଲାଣି । ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ମାଗଣାରେ ଔଷଧ ଯୋଗାଇ ଦିଆଯାଉ ଏବଂ ଯେଉଁଠି ଚାଷୀଙ୍କ ଖରିଫ ଚାଷ ପାଇଁ ଇନ୍‌ସୁରାନ୍ସ କରାଯାଇ ନାହିଁ ତାହା ତରୁନ୍ତ ବ୍ୟବସ୍ଥା କରାଯାଉ, ରଙ୍ଗେଇଲୁଣ୍ଡା ବ୍ଲକର ୩୨ଟି ଗ୍ରାମପଞ୍ଚାୟତରେ ଲଗାଣ ବର୍ଷାରେ ଖାଲୁଆ ଅଞ୍ଚଳରେ ଧାନ ଫସଲ ନଷ୍ଟ ହୋଇଯାଇଛି । ତାହା ବିଭାଗୀୟ ଅଧିକାରୀ କିମ୍ବା ତହସିଲଦାରଙ୍କ ଜରିଆରେ ତଦନ୍ତ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉ ଏବଂ ଜଳ ନିଷ୍କାସନ ନିମନ୍ତେ ଯୁଦ୍ଧକାଳିନ ଭିତ୍ତିରେ ସୁବ୍ୟବସ୍ଥା କରାଯାଉ ବୋଲି ରଙ୍ଗେଇଲୁଣ୍ଡା ବ୍ଲକର ନବ ନିର୍ମାଣ କୃଷକ ସଂଗଠନ ତରଫରୁ ଏହାର ନକଲ ରଙ୍ଗେଇଲୁଣ୍ଡା ବ୍ଲକ ବିଡିଓ, ଗଞ୍ଜାମ ଜିଲାପାଳଙ୍କୁ ପ୍ରଦାନ କରିଥିଲେ । ଏଥିରେ କୃଷକ ସଂଗଠନର ସଭାପତି ସୁଦର୍ଶନ ପାତ୍ର, ହରିହର ପାତ୍ର, ପ୍ରଦୀପ ନାୟକ, ଭାସ୍କର ନାୟକ, ରମେଶ ଚନ୍ଦ୍ର କର, ଅନୁ ନାୟକ ପ୍ରମୁଖ କନିଷି ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

## ରାଜନୀତି ବିଜ୍ଞାନ ପାଠଚକ୍ର

ଆସିକା,୧।୧୦ (ଡି.ଏନ୍.ଏ)

ଆସିକା ବ୍ଲକ କେନ୍ଦୁପଦରସ୍ଥିତ ଏନ୍.ବି.ସି. କଲେଜରେ ରାଜନୀତି ବିଜ୍ଞାନର ଏକ ପାଠ ଚକ୍ର ସୋମବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଆପଟଙ୍କ ଅଧ୍ୟକ୍ଷତାରେ ଧର୍ମୀୟ ମୌଳିକତାବାଦ ଧର୍ମନିରପକ୍ଷତା ଉପରେ ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ବିଜୟଧନଞ୍ଜୟପୁର କଲେଜର ଅଧ୍ୟାପକ ତପନ କୁମାର ମିଶ୍ର ନିମନ୍ତ୍ରିତ ଅତିଥି ରୂପେ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ଧର୍ମୀୟ ମୌଳିକତା ବାଦର ଧର୍ମ ନିରପକ୍ଷତା ଉପରେ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲା ବେଳେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର ସାଗର କୁମାର ବିଷୋୟୀ ବିଷୟ ଭିତ୍ତିକ ସନ୍ଦର୍ଭ ବିଷୟ ଉପସ୍ଥାପନ କରିଥିଲେ । ଏଥିରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା । ବିଭାଗୀୟ ମୁଖ୍ୟ ଡ. ରବିନାରାୟଣ ପାତ୍ର ଭାରତର ଧର୍ମୀୟ ପ୍ରଚାର ପ୍ରସାର ଫଳରେ ସାମ୍ପ୍ରତିକ ସମସ୍ୟା ଉପରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଡ. ସୁରେନ୍ଦ୍ର ନାଥ ସାବତ, ଆଶୁତୋଷ ସାହୁ, ଅଧ୍ୟାପିକା ସ୍ୱପ୍ନାରାଣୀ ପଟ୍ଟନାୟକ, ରାଜେଶ୍ୱରୀ ରଥ, ସୁଜାତା ସିଂ, ଶୁଭଶ୍ରୀ ସାହୁ, ସନ୍ତୋଷିନୀ ପଟ୍ଟନାୟକ, ସେଫାଳି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ ।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ